ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.11, Bhubaneswar Friday, February 14, 2020 | ୨୩ତମ ବର୍ଷ ସଂଖ୍ୟା-୧୧ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଆଜିଠୁ ବିଧାନସଭା

- ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବଜେଟ୍ ଅଧିବେଶନ
- ୧୮ରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବେ ଅର୍ଥମନ୍ତ୍ରୀ
- ୩୧ ଟି କାର୍ଯ୍ୟ ଦିବସ , ୨ ଟି ପର୍ଯ୍ୟାୟରେ ଏପ୍ରିଲ୍ ୯ ଯାଏଁ ଚାଲିବ

ଭୁବନେଶ୍ୱର, ୧୩।୨(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ଠାରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨ ଟି ପର୍ଯ୍ୟାୟରେ ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ଅଧିବେଶନର ପ୍ରଥମ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୃହରେ ଅଭିଭାଷଣ ରଖିବେ। ସେହିପରି ୧୮ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ମୋଟ୍ ୩୧ଟି କାର୍ଯ୍ୟ ଦିବସ ରହିଛି। ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୧୪ ତାରିଖରୁ ୨୬ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୧ ତାରିଖରୁ ଏପ୍ରିଲ୍ ୯ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସୂଚନା ଅନୁଯାୟୀ ପ୍ରଥମ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିଭାଷଣ ଦେବେ। ଏହାସହ ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ପୂର୍ବତନ ମନ୍ତ୍ରୀ ଓ ବିଧାୟକମାନଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବେ । ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି , ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ଜଗନ୍ନାଥ ରାଉତ , ପୂର୍ବତନ ସଦସ୍ୟ ଭାଗିରଥୀ ଦାସ , ନାକା ଲଛମାୟା, ସଚିଦାନନ୍ଦ ଦେଓ , ଦୈତାରୀ ବେହେରା, ଗୌରହରି ନାଏକ ଏବଂ ରାଧା ଗୋବିନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଣିବେ। ଫେବୃଆରୀ ୧୫ ଓ ୧୭ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୧୬ତାରିଖ ଦିନ ଗୃହ କାର୍ଯ୍ୟ ବନ୍ଦ ରହିବ। ୧୮ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ୧୯ତାରଖ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୨୦ତାରିଖ ବେସରକାରୀ କାର୍ଯ୍ୟଦିବସ ଏବଂ ୨୧ରୁ ୨୩ତାରିଖ ମହାଶିବରାତ୍ରୀ , ଚତୁର୍ଥ ଶନିବାର ଓ ରବିବାର ଲାଗି ଛୁଟି ରହିଛି। ଫେବୃଆରୀ ୨୪ରୁ ୨୬ତାରିଖ ଦିନ ଧରି ବଜେଟ୍ ଉପରେ ଆଲୋଚନା ପରେ ଗୃହ କାର୍ଯ୍ୟ ମାର୍ଚ୍ଚ ୧୦ତାରିଖ ପର୍ଯ୍ୟନ୍ତ ମୁଲତବୀ ରହିବ। ମାର୍ଚ୍ଚ ୧୧ତାରିଖରେ ଗୃହର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବ ଏବଂ ଏହି ଦିନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ ହେବ। ମାର୍ଚ୍ଚ ୧୨ ତାରିଖରୁ ବିଭାଗୱାରି ବଜେଟ୍ ଅନୁଦାନ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧୪ , ୧୫, ୨୨, ୨୮ ଓ ୨୯ ଏବଂ ଏପ୍ରିଲ ୧,୨ ଓ ୫ତାରିଖ ଦ୍ୱିତୀୟ ଓ ଚତୁର୍ଥ ଶନିବାର , ରବିବାର , ଉତ୍କଳ ଦିବସ ଓ ରାମ ନବମୀ ପାଇଁ ଛୁଟି ରହିବ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି ।ସେହିପରି ମାର୍ଚ୍ଚ ୩୧ରେ ୨୦୨୦-୨୧ ବର୍ଷ ପାଇଁ ବିନିଯୋଗ ବିଲ୍ ଉପସ୍ଥାପିତ ହେବ। ଏପ୍ରିଲ୍ ୩ , ୭ ଓ ୯ ତାରିଖ ବେସରକାରୀ କାର୍ଯ୍ୟ ଦିବସ ରହିଥିବା ବେଳେ ଏପ୍ରିଲ୍ ୪,୬ ଓ ୮ ତାରିଖ ସରକାରୀ ଦିବସ ରଖାଯାଇଛି। ବିଧାନସଭା ଅଧିବେଶନର କାର୍ଯ୍ୟକ୍ରମ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅନୁମୋଦନ ପରେ ଗତ ଜାନୁଆରୀ ୨୧ ତାରିଖରେ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରୀ କରାଯାଇଥିଲା।



ମେକ ଇନ୍ ଓଡ଼ିଶା କନକ୍ଲେଭର ପ୍ରାଥମିକ ଉଚ୍ଚସ୍ତରୀୟ ସମୀକ୍ଷା କରୁଛନ୍ତି ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ

## ସରକାରୀ ସଂସ୍ଥା ଗୁଡ଼ିକ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ମୋ ସରକାର ଏକ ବଳିଷ୍ଠ ପଦକ୍ଷେପ: ଡ. ଅରୁଣ କୁମାର ସାହୁ

ଭୁବନେଶ୍ୱର, ୧୩।୨(ପି.ଏନ): ରାଜ୍ୟର କୃଷକ ମାନଙ୍କର ଆୟ ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ପରିପ୍ରେକ୍ଷୀରେ ବିଭାଗକୁ ତ୍ରୁଟିଶୂନ୍ୟ ଏବଂଏକ ପ୍ରଗତିଶୀଳ ବିଭାଗରେ ପରିବର୍ତନ କରିବାକୁ ପଡ଼ିବ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ଚାହିଦା ବୃଦ୍ଧି ପାଉଥିବାରୁ ଏହାର ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମ ନିର୍ଭରଶୀଳ ସହିତ ବଳକା ରାଜ୍ୟରେପରିଣତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ଅଧିକ ଫଳପ୍ରଦ କରିବା ଦିଗରେ ମୋ ସରକାର ଏକ ବଳିଷ୍ଠ ଉଦ୍ୟମ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ।ମୋ ସରକାର କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ଆଗାମୀ ଦିନରେ ସାମିଲ କରାଯାଉଥିବା ପରିପ୍ରେକ୍ଷୀରେ କୃଷି ଭବନଠାରେ ମୋ ସରକାରର କାର୍ଯ୍ୟକାରିତା ସମ୍ବନ୍ଧୀୟ କୃଷି ଭବନଠାରେ ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ରାଜ୍ୟରେ ବ୍ୟାପକ ପରିବର୍ତନ ପାଇଁ ୫ଟି କାର୍ଯ୍ୟକ୍ରମ ଅଧିନରେ ମୋ ସରକାରହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ । ସରକାରୀ ସଂସ୍ଥା ଗୁଡ଼ିକ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ମୋ ସରକାର ଏକ ବଳିଷ୍ଠ ପଦକ୍ଷେପ । ଫୋନ୍ କଲ୍ ମାଧ୍ୟମରେ ଜନସାଧାରଣଙ୍କ ମୂଲ୍ୟବାନ ମତାମତ ଲୋକଙ୍କ ପ୍ରତି ସରକାରୀ ଅନୁଷ୍ଠାନ ମାନଙ୍କର ଉତରଦାୟିତ୍ୱକୁ ବୃଦ୍ଧି କରିବାରେ ସହାୟକ ହେବ । ଅନୁକୂଳ ମତାମତ ଭିତିରେ ଅନୁଷ୍ଠାନ ଓ କର୍ମଚାରୀଙ୍କୁ ଭଲ ର୍ୟାଙ୍କ ଦିଆଯିବା ସହିତ ପ୍ରତିକୂଳ ମନ୍ତବ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରୀ ଅଫିସରେ ଫାଇଲକୁ ଧାର୍ଯ୍ୟ ସମୟ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ମନ୍ତ୍ରୀ ଗୁରୁତ୍ୱାରେପ କରିବା ସହିତ ନୋଡ଼ାଲ ଅଫିସରମାନେ ଜିଲ୍ଲାଗସ୍ତ ସମୟରେ କାର୍ଯ୍ୟାଳୟର ଫାଇଲ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ ସମ୍ପର୍କରେ ଯାଂଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ରଘୁପ୍ରସାଦ କହିଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରି ବଜେଟ୍‌ରେ ଅଧିକ ଅର୍ଥ ବରାଦ କରୁଛନ୍ତି । ମୋ ସରକାର କାର୍ଯ୍ୟକ୍ରମ ସାମଗ୍ରିକ ଭାବରେ ବିଭାଗର କାର୍ଯ୍ୟଦକ୍ଷତାକୁ ମପାଯିବାର ବ୍ୟବସ୍ଥା କରାଯାଇଛି । ସରକାରୀ କାର୍ଯ୍ୟ ସମ୍ପାଦନରେ ବୃତିଗତ ଦକ୍ଷତା ଓ ସେବା ମନୋବୃତ ବୃଦ୍ଧି ପାଇବ । ମୋ ସରକାରର ସଫଳ ରୂପାୟନ ଦିଗରେ ଜିଲ୍ଲାସ୍ତରରେ ଫେବୃୟାରୀ ୨୦ ତାରିଖ ସୁଦ୍ଧା କ୍ଷେତ୍ର ଅଧିକାରମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କହିଥିଲେ । ଏଥି ସହିତ ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ମଠ ସରକାର ସମ୍ପର୍କିତ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟାମାନଙ୍କ ମଧ୍ୟରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରତ୍ନାକର ରାଉତ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ଡ. ଏନ. ତିରୁମାଲା ନାୟକ ପ୍ରମୁଖ ମୋ ସରକାର କାର୍ଯ୍ୟକ୍ରମରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ସିଡିଭିଓ, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

### ବିଧାନସଭା ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ୧୩।୨(ପି.ଏନ): ବିଧାନସଭା ଅଧିବେଶନ ପାଇଁ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସମୀକ୍ଷା କରିଥିଲେ । ଏହି ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ବିଧାନସଭା ଭିତରେ ଓ ବାହାରେ ସିସି ଟିଭି ଲଗାଯିବା ସହ ସାଧା ପୋଷାକଧାରୀ ପୋଲିସ ମୂତୟନ କରାଯାଇଛି । ବିଧାନସଭା ପରିସର ଭିତରେ ବମ୍ ସ୍କ୍ୱାଡ଼ ଓ ଡଗ୍ ସ୍କ୍ୱାର୍ଡ଼ ପ୍ରତିଦିନ ଯାଂଚ କରାଯିବ । ବିଗତ ବର୍ଷ ମାନଙ୍କ ଭଳି ଚଳିତ ଥର ପୋଲିସ ଫୋର୍ସ ମୂତୟନ କରାଯାଇଛି । ଏହା ବ୍ୟତୀତ ବିଧାନସଭା ଭିତରେ ଓ ବାହାରେ ମଧ୍ୟ ଦୁଇଟି କଂଟ୍ରୋଲ ରୁମ୍ ରହିବି ।

### ଶକ୍ତି ବିଭାଗର ଦୋଷ କାରଣରୁ ଘଟିଲା ଗଂଜାମ ଦୁର୍ଘଟଣା: ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୧୩।୨(ପି.ଏନ): ଗଂଜାମ ଜିଲ୍ଲାରେ ହାଇ ଭୋଲଟେଜ ତାର ବସ ସହ ସ୍ପର୍ଶ କରିବା କାରଣରୁ ହୋଇଥିବା ଦୁର୍ଘଟଣା ମାମଲାରେ ଶକ୍ତି ବିଭାଗକୁ ଦୋଷ ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ।ଲୋକସେବା ଭବନ ଠାରେ ସାମ୍ବାଦିକ ମାନଙ୍କ ଏସମ୍ପର୍କିତ ପ୍ରଶ୍ନର ଉତର ଦେଇ ଶ୍ରୀ ବେହେରା କହିଛନ୍ତି ଯେ ଗତକାଲି ପରିବହନ ବିଭାଗର ଏକ ଟିମ ଦୁର୍ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ ।

## ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନେଇ ପ୍ରସଂଗ କରିବ କଂଗ୍ରେସ

ଭୁବନେଶ୍ୱର, ୧୩।୨(ପି.ଏନ): ଚାଷୀମାନେ ଧାନର ସହାୟକ ଦର ଓ ଟୋକନ ନ ପାଇବା, ବିଭିନ୍ନ ଆଳରେ ସେମାନଙ୍କୁ କ୍ୱିଂଟାଲ ପିଛା ୨ କେଜିରୁ ୧୨ କେଜି, କେତେକ ସ୍ଥଳରେ ୧୫କେଜି ଧାନ କଟାଯାଇ ସେମାନଙ୍କୁ ଶୋଷଣ କରାଯିବାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ବିଧାୟକ ଦଳରେ ସ୍ଥିର ହୋଇଛି । ଆଜି ବିଧାନସଭା ଅଧିବେଶନ ପୂର୍ବରୁ କଂଗ୍ରେସ ବିଧାୟକ ଦଳର ବୈଠକ ବିଧାନସଭା ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲେ । ଏହି ଘଟଣା ଉପରେ ବିଧାୟକ ମାନେ ଉଦବେଗ ପ୍ରକାଶ କରିଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ରାଜ୍ୟରେ ଦେଖାଦେଇଥିବା ଆଇନ ଶୃଙ୍ଖଳାର ବିପର୍ଯ୍ୟସ୍ତ, ନାରୀ ଓ ନାବାଳିକା ଦୁଷ୍କର୍ମ, ଚୋରୀ, ଡକାୟତି ବୃଦ୍ଧି ପାଇବା, ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ମାଧ୍ୟମରେ ଦବାଇବା ନେଇ ଗୃହରେ ପ୍ରସଂଗ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହା ବ୍ୟତୀତ ପି.ସି କାରବାର ଚରମ ସୀମାରେ ପହଂଚିବା ଏବଂ ସରକାରୀ କଳ ଏଥିରେ ଭାଗୀଦାରୀ ରହିବା, ବେକାରୀ ଦାଦନ ସମସ୍ୟା ଉତ୍କଟ ହେବା, ଗ୍ରାମାଂଚଳରେ ଗରୀବ ଲୋକ ମାନଙ୍କୁ କାମ ଯୋଗାଇ ଦେଇ ନ ପାରିବା, ବର୍ଷାରେ ନଷ୍ଟ ହୋଇଥିବା ଘର, ବାଳିଚର ଚାଷ ଜମିର କ୍ଷତିପୂରଣ ନ ଦେବା ଘଟଣାକୁ ନେଇ ମଧ୍ୟ ପ୍ରସଙ୍ଗ କରାଯିବ । ଆଜିର ବୈଠକରେ ସମସ୍ତ ସଦସ୍ୟଙ୍କ ମଧ୍ୟ କିଛି ବିଧାୟକ ଉପସ୍ଥିତ ଥିଲେ । ଆସନ୍ତା କାଲି ପୁନର୍ବାର ବିଧାୟକ ଦଳର ବୈଠକ ବସିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ ।

### ୫ ହାଜର ଟଙ୍କା ଲାଂଚ ନେବାବେଳେ କନିଷ୍ଠ କିରାଣୀ ଭିଜିଲାନ୍ସ ଜାଲରେ

କନ୍ଧମାଳ,୧୩।୨(ପି.ଏନ): ଆଜି ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ କନିଷ୍ଠ କିରାଣୀ ଅମୂଲ୍ୟ କୁମାର ସାହୁ ସେହି କାର୍ଯ୍ୟାଳୟର ଅବସରପ୍ରାପ୍ତ ଡ୍ରାଇଭର ଶଙ୍କର୍ଷଣ ଶତପଥିଙ୍କଠାରୁ ୫ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଆଜି ଅପରାହ୍ନ ୨ଟା ବେଳେ ଅଫିସରେ ଏହି ଟଙ୍କା ନେଉଥିବାବେଳେ ତାଙ୍କୁ ବ୍ରହ୍ମପୁର ଏବଂ ଫୁଲବାଣି ଭିଜିଲାନ୍ସ ବିଭାଗର ମିଳିତ ଭାବରେ ଫୁଲବାଣୀର ଭିଜିଲାନ୍ସ ଡିଏସପି ରବିକାନ୍ତ ସୁନାଙ୍କ ନେତୃତ୍ୱରେ ଚଢାଉ କରାଯାଇଛି । ଅବସର ପ୍ରାପ୍ତ ଡ୍ରାଇଭର ଶଙ୍କର୍ଷଣ ଶତପଥି ତାଙ୍କର ୭ମ ବେତନ କମିଶନ ର ବକେୟା ଥିବା ଟଙ୍କାର ବିଲ କରିଦେବାପାଇଁ କିରାଣିଙ୍କୁ କହିବାପରେ କିରାଣୀ ତାଙ୍କଠାରୁ ୫ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ । ତେଣୁ ଡ୍ରାଇଭର ଶତପଥି ବାଧ୍ୟ ହୋଇ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ । ବିଭାଗ ତରଫରୁ ଏକ ମାମଲା ୪/୨୦୨୦ ରୁଜୁ କରାଯାଇ ଯୋଜନା ଅନୁସାରେ ଡ୍ରାଇଭର କିରାଣୀଙ୍କୁ ୫ ହଜାର ଟଙ୍କା ଲାଂଚ ଦେବାବେଳେ ଭିଜିଲାନ୍ସ ବିଭାଗ ଚଢାଉ କରି ଟଙ୍କା ସମେତ କିରାଣୀ ଅମୁଲ୍ୟ କୁମାର ସାହୁଙ୍କୁ ଗିରଫ କରିଥିଲା । ବିଭାଗ ତରଫରୁ ତାଙ୍କ ବାସଗୃହରେ ମଧ୍ୟ ଚଢାଉ କରାଯାଇଥିବା ଜଣାପଡିଛି ।

### ଭାଇରାଲ ଆଡମିଟ୍ କାର୍ଡରେ ଅଧ୍ୟକ୍ଷଙ୍କ ଦସ୍ତଖତ ନାହିଁ : ମନ୍ତ୍ରୀ

ଭୁବନେଶ୍ୱର, ୧୩।୨(ପି.ଏନ): ଭାଇରାଲ୍ ହୋଇଥିବା ମାଟ୍ରିକ୍ ପରୀକ୍ଷା ଆଡମିଟ୍ କାର୍ଡ ଗୁଡିକ ଫେକ୍ ବୋଲି ସ୍ପଷ୍ଟ କରିଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ। ବାରିପଦା ଓ ଆସିକାରେ ପରୀକ୍ଷା ଆଡମିଟ୍ କାର୍ଡ ଭାଇରାଲ ହେବା ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ବୋର୍ଡକୁ ବଦନାମ କରିବାକୁ ଏଗୁଡିକୁ ଭାଇରାଲ୍ କରାଯାଇଛି। ଏଥିରେ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧ୍ୟକ୍ଷଙ୍କ ଦସ୍ତଖତ ନାହିଁ। ସମସ୍ୟା ହେଲେ ଯାହା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯଦି କିଛି ତ୍ରୁଟି ହୋଇଥାଏ ସୁଧାର ଅଣାଯିବ। ମାତ୍ର କୌଣସି ପିଲା ପରୀକ୍ଷାରୁ ବାଦ୍ ପଡିବେନି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

### ପୂର୍ବତନ ବିଧାୟକ ଅନୁପ ସାଏ ଗିରଫ; ଗିରଫ ପରେ ଗଲା ପଦ , ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର, ୧୩।୨(ପି.ଏନ): ପୂର୍ବତନ ବିଧାୟକ ତଥା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ଅନୁପ ସାଏ ଗିରଫ ହୋଇଛନ୍ତି। ଏକ ଡବଲ୍ ମର୍ଡର ମାମଲାରେ ଛତିଶଗଡ଼ର ଚକ୍ରଧରନଗର ପୋଲିସ୍ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗତକାଲି ରାତିରେ ପୋଲିସ୍ ତାଙ୍କୁ ଘରୁ ଉଠାଇ ନେଇ ପଚରାଉଚରା ଜାରି ରଖିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଗିରଫ ହେବା ପରେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଗୁରୁବାର ଅପରାହ୍ନରେ ଅନୁପ ସାଏଙ୍କୁ ପଣ୍ୟାଗାର ଅଧ୍ୟକ୍ଷ ପଦରୁ ବିଦା କରିଛନ୍ତି। ଏଥି ସହ ବିଜୁ ଜନତା ଦଳରୁ ମଧ ବହିଷ୍କାର କରିଛନ୍ତି ନବୀନ ପଟ୍ଟନାୟକ। ସୂଚନାଯୋଗ୍ୟ ଯେ ୨୦୧୬ ଏପ୍ରିଲ ମାସରେ ଝାରସୁଗୁଡ଼ା ସୀମାନ୍ତ ଛତିଶଗଡ଼ରେ ୩୨ ବର୍ଷୀୟା କଳ୍ପନା ଦାସ ଓ ତାଙ୍କର ୧୪ ବର୍ଷୀୟା ଝିଅ ପ୍ରଭାତୀ ଦାସଙ୍କୁ ହତ୍ୟା କରାଯାଇଥିଲା। ଉଭୟଙ୍କୁ ହତ୍ୟା କରାଯାଇ ଛତିଶଗଡ଼ ସୀମାରେ ଫିଙ୍ଗା ଯାଇଥିଲା। ଛତିଶଗଡ଼ ପୋଲିସ୍ ମୃତଦେହ ଜବତ କରି ତଦନ୍ତ କରିଥିଲା। ଏହାକୁ ନେଇ ଛତିଶଗଡ ପୋଲିସ୍ ବିଭିନ୍ନ ଥାନାରେ ତଦନ୍ତ କରିଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହ କରି ଛତିଶଗଡ଼ ପୋଲିସ୍ ଅନୁପ ସାଏଙ୍କୁ ଗିରଫ କରିଛି ।ଅନୁପ କୁମାର ସାଏ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟ୍ ରେ ତିନି ତିନି ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସେ ବିଜେଡିରେ ଯୋଗ ଦେଇଥିଲେ। ସେ ଗତ ୨୦୧୪ ନିର୍ବାଚନରେ ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କଠାରୁ ପରାସ୍ତ ହୋଇଥିଲେ।

### ସପ୍ତମ ବେତନ କମିଶନର ସଂଶୋଧିତ ଦରମାର ୧୦ ପ୍ରତିଶତ ମିଳିବ

ଭୁବନେଶ୍ୱର, ୧୩।୨(ପି.ଏନ): କର୍ମଚାରୀ ମାନଙ୍କର ବାକିଆ ଥିବା ସଂଶୋଧିତ ବର୍ଦ୍ଧିତ ଦରମାର ୧୦ ପ୍ରତିଶତ ଅର୍ଥ ଉଠାଇବା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି । ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଏହି ଅର୍ଥ ବିଭିନ୍ନ ବିଭାଗ, ମୁଖ୍ୟ ଦପ୍ତର ଏବଂ ଜିଲ୍ଲାପାଳ ମାନଙ୍କୁ ଉଠାଇବା ପାଇଁ କୁହାଯାଇଛି । ଏ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ମାନଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି । ସାଧାରଣ କର୍ମଚାରୀମାନଙ୍କ ଭଳି ୱାର୍କ ଚାର୍ଜ ମାନଙ୍କୁ ମଧ ଏହି ସୁବିଧା ଉପଲବ୍ଧ କରାଇବା ପାଇଁ କୁହାଯାଇଛି ।ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ସପ୍ତମ ବେତନ କମିଶନ ଲାଗୁ କରିବା ପରେ ୪୦ ପ୍ରତିଶତ ସଂଶୋଧିତ ବର୍ଦ୍ଧିତ ଦରମା ୨୦୧୭-୧୮ରେ ପ୍ରଦାନ କରିଥିଲେ । ୬୦ ପ୍ରତିଶତ ବାକି ରହିଥିଲା । ଏଥିରୁ ୧୦ ପ୍ରତିଶତ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଉଠାଇବା ପାଇଁ ଅନୁମତି ପ୍ରଦାନ କରିଛନ୍ତି ।

### ବିଧାନସଭାକୁ ସ୍ୱାଭାବିକ ଚଳାଇବାକୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୩।୨(ପି.ଏନ): ବିଧାନସଭା ଅଧିବେଶନ କାଳରେ ଗୃହରେ କିପରି ସ୍ୱାଭାବିକ ଅବସ୍ଥା ରହିବ ସେଥିନେଇ ଆଜି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପ୍ରକୋଷ୍ଠରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ନିୟମ ଅନୁସାରେ ନିଜ ନିଜ ସ୍ଥାନରେ ପ୍ରସଙ୍ଗ ଉଠାଇବା ଏବଂ କହିବାକୁ ପରାମର୍ଶ ଦେବା ସହ ମଧ୍ୟସ୍ଥଳକୁ ଆସି ହୋ ହଲା ନ କରିବା ପାଇଁ ଅନୁରୋଧ କରିଥିଲେ । ଆଲୋଚନାରେ ସମସ୍ତେ ଯେପରି ଭାଗ ନେଇପାରିବେ ସେଥିପ୍ରତି ଯତ୍ନଶୀଳ ହେବା ଦରକାର ବୋଲି କହିଥିଲେ ।

## ବିଲ୍ଟ ପେପର ମିଲ ୧୦ ମାସ ହେବ ବନ୍ଦ

ଜୟପୁର,୧୩।୨(ପି.ଏନ): ଦୀର୍ଘ ୧୦ ମାସ ହେବ ବ୍ଲିଲ ପେପର ମିଲ ବନ୍ଦ ହୋଇପଡିଛି । ଏହି ମିଲକୁ ପୁଣି କାର୍ଯ୍ୟ କରିବାକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଦିଲ୍ଲୀଯାଇ ପେପର ମିଲର ମିଲକ ସହ ୪ ଘଂଟା ଆଲୋଚନା କରିଛନ୍ତି। ଜୟପୁର ସ୍ଥିତ ବିଲ୍ଟ ପେପର ମିଲର ଅଚଳାବସ୍ଥା ଜାରି ରହିଛି। ୧୦ ମାସ ହେବ ବନ୍ଦ ହୋଇ ପଡିଥିବାବେଳେ ବକେୟା ୫ ମାସ ଓ ବର୍ତମାନର ୧୦ ମାସ ଏପରି ପ୍ରତ୍ୟେକ କର୍ମଚାରି ଙ୍କ ୧୫ ମାସର ଦରମା ବକେୟା ପଡିଛି। ଦରମା ନପାଇ କର୍ମଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଥିବାବେଳେ ଏହାକୁ ଗୁରୁତର ସହ ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଭୁବନେଶ୍ୱରରେ ସଚିବଙ୍କୁ ନେଇ ଉଚ୍ଚସ୍ତରିୟ ବୈଠକ କରିଥିଲେ। ବର୍ତମାନ ଦିଲ୍ଲୀ ଯାଇ ବିଲ୍ଟ ପେପର ମିଲର ମାଲିକ ତଥା ଅଭନ୍ତା ଗ୍ରୁପ ଓ ଅଧ୍ୟକ୍ଷ ଗୌତମ ଥାପର ସହ ସାକ୍ଷାତ କରି ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ନୂଆଦିଲ୍ଲି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବିଧାୟକ ବାହିନିପତି ମିଲ ପୁଣି କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିବା ସହ ସମସ୍ତ ପ୍ରକାର ସହଯୋଗ କରିବାରୁ ପ୍ରତିଶ୍ରୁତି ଦେଇଥିଲେ। କର୍ମଚାରୀଙ୍କୁ ଗୋଟିଏ ମାସ ଦରମା, ଠିକା କର୍ମଚାରିଙ୍କ ଦରମା ଦେବାକୁ ବିଧାୟକ ଅନୁରୋଧ କରିଥିଲେ। ସାକ୍ଷାତ ସମୟରେ ତାପର ବିଲ୍ଟ ପେପର ମିଲରେ ୫୦ କୋଟି ଟଙ୍କା ବିନିଯୋଗ କରିବାକୁ କହିବା ସହ ଖୁବ ଶିଘ୍ର ଭୁବନେଶ୍ୱର ଆସି ସରକାରଙ୍ଗ ମିସି ସମସ୍ୟା ଉପରେ ଆଲୋଚନା କରିବେ ବୋଲି ଥାପର କହିଥିଲେ । ମିଲ ବନ୍ଦ ଯୋଗୁଁ କର୍ମଚାରିମାନେ ବହୁତ ହଇରାଣ ହେଉଥିବା ସହ ଜୟପୁରରେ ବ୍ୟବସାୟ ବାଣିଜ୍ୟ ଉପରେ କୁ ପ୍ରଭାବ ପଡିଛି । ତେଣୁ ତୁରନ୍ତ ପେପର ମିଲ ଖୋଲିବାକୁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ଦିଲ୍ଲୀ ଯାଇ ବିଲ୍ଟ ପେପର ମିଲର ମାଲିକ ତଥା ଅଭନ୍ତା ଗ୍ରୁପ ଓ ଅଧ୍ୟକ୍ଷ ଗୌତମ ଥାପର ଶିଘ୍ର ମିଲ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ । ବର୍ତମାନ ମିଲ ଉପରେ ବିଦ୍ୟୁତ ବିଲ ୪୫ କୋଟିରୁ ଅଧିକ, ଜଳକର ୬୨୩ କୋଟିରୁ ଅଧିକ, କର୍ମଚାରି ବକେୟା ଦରମାର ୧୫ କୋଟିରୁ ଅଧିକ ସହ କଞ୍ଚାମାଲ, କେମିକାଲର ବକେୟା ଟଙ୍କା ସହ ମିଲ କତୃପକ୍ଷ ଅର୍ଥ ଲଗାଣ କାରି ସଂସ୍ଥା ଠାରୁ ଋଣ ଓ ବ୍ୟାଙ୍କ ଋଣ ରେ ପାଖାପାଖି ୧ ହଜାର ଟଙ୍କା ଋଣରେ ବଢିଛି। ବର୍ତମାନ ଏହି ମିଲର ଭବିଷ୍ୟତ ନେଇ କର୍ମଚାରି ସନ୍ଦିହାନ। ଉକ୍ତ ମିଲ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ହାରରୁ ଅଧିକ ଲୋକ ନିର୍ଭର କରନ୍ତି। ଏମାନଙ୍କ ଜୀବନ ଜୀବିକା ସଙ୍କଟରେ ଗତି କରୁଛି। ବିଲ୍ଟ ମ୍ୟାନେଜମେଂଟ ତରଫରୁ ୟୁନିଟ ହେଡ ଡିଜିଏମ ଏଚଆର ଓ ଏଏମ ଯୋଗ ଦେଇଥିଲେ। ମ୍ୟାନେଜମେଂଟ ପ୍ରତିମାସରେ କ୍ଷତି ସହୁଥିବା ଏବଂ ରାଜ୍ୟ ସରକାର ୨୦୧୭ରେ କାରଖାନା ଚଲାଇବା ପରେ କମ୍ପାନିକୁ କେତେକ କ୍ଷେତ୍ରରେ ରହାତି ଦେବାପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରି ହୋଇନାହିଁ। ଜଳକର, ବିଦ୍ୟୁତ ଦେୟ ଆଗରୁ ଅଛି। କୋଇଲା ଓ କଂଚାମାଲ ମିଳୁନାହିଁ। ପୁରଣା ଯନ୍ତ୍ରପାତି ବଦଳାଇବା ପାଇ ଫଣ୍ଡର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାରଙ୍କ ସହୟତା ଲୋଡିଥିଲେ। କୋରାପୁଟ ଜିଲାର ଏକମାତ୍ର ବଡ ଶିଳ୍ପକୁ ଚଲାଇ ରଖିବାରେ ସମସ୍ତେ ସହଯୋଗ କରିବାକୁ ବିଧାୟକ ବାହିନିପତି ନିବେଦନ କରିଥିଲେ। ଏହାସହ ବିଲ୍ଟ ପେପର ମିଲରେ ଅଚଳାବସ୍ଥା ଜାରିରହିଛି। କଂଚାମାଲ, ଆବଶ୍ୟକୀୟ କେମିକାଲ ନାହିଁ। ଗତ ୧୩ ଜୁଲାଇ ୨୦୧୮ ମିଲରେ ବନ୍ଦ ହୋଇଥିବାବେଳେ ବହୁ ସଂଗ୍ରାମ ପରେ ୩ ମାସପରେ ମିଲ ଖୋଲିଥିଲା । ଏହି ମିଲରେ ୪୫୦ ସ୍ଥାୟୀ, ଅସ୍ଥାୟୀ ୭ ଶହ, ଅଫିସର ୨ ଶହ କର୍ମଚାରି ନିୟୋଜିତ ହୋଇଥିବାବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ଦରମା ନଥିବା ଯୋଗୁଁ କର୍ମଚାରିଙ୍କ ପିଲାମାନେ ପାଠ ପଢ଼ିବାରୁ ବଂଚିତ ହେଉଥିବାବେଳେ ସ୍କୁଲ ନାମ ଲେଖାଇପାରୁ ନାହାଁନ୍ତି । ଏମତିକି କର୍ମଚାରୀ ଓ ପରିବାର ଭୋକ ଉପାସରେ ରହିବା ସମୟ ଅଧ୍ୟ ଆସିଥିବା ବିଷୟ ବିଲ୍ଟ ସେବା ପେପର ମିଲ ଏମ୍ପ୍ଲୟସ ୟୁନିୟନର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏମିତିକି ପୁରୁଣା କର୍ମଚାରିମାନେ ସେମାନଙ୍କ ବକେୟା ଦରମା ମଧ୍ୟ ପାଇ ନାହାଁନ୍ତି କି ଅବସର ନେଇଥିବା କର୍ମଚାରିମାନେ ୨ ବର୍ଷ ହେବ ସେମାନଙ୍କ ବକେୟା ଦରମା ପାଇ ନାହାଁନ୍ତି। ପେପର ମିଲର ଉତ୍ପାଦନ ପୁଣି ବନ୍ଦ ହୋଇଛି। ତେଣୁ ମିଲର କର୍ମଚାରୀମାନେ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ଯଦି ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସହଯୋଗର ହାତ ନବଢାଇଲେ ମିଲରେ କାର୍ଯ୍ୟ କରୁଥିବା ୫ ହାରରୁ ଅଧିକ କର୍ମଚାରୀଙ୍କ ଭବିଷ୍ୟତ ଜୀବନ ଜୀବିକା ସଙ୍କଟରେ ରହିଯିବ।

## ବିଜେପି ନେତ୍ରୀ ମିନାକ୍ଷୀ ମିଶ୍ରଙ୍କ ଆତ୍ମାହୂତି ପାଇଁ ପୋଲିସ ଦାୟୀ :ବିଜେପି

### ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ

ଭୁବନେଶ୍ୱର, ୧୩।୨(ପି.ଏନ): ଗତକାଲି ପୁଲିସ ଠାରୁ ନ୍ୟାୟ ନପାଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତ୍ରୀ ମିନାକ୍ଷୀ ମିଶ୍ର ନିଜ ଦେହରେ ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରିବା ପାଇଁ ପୋଲିସ୍ ପ୍ରଶଶସନ ହିଁ ଦାୟୀ ବୋଲି ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଗତ ୨୮ ତାରିଖରେ ପାର୍କିଂକୁ ନେଇ ମୀନାକ୍ଷୀ ମିଶ୍ର ଏବଂ ତାଙ୍କ ପୁଅଙ୍କୁ କିଛି ଦୁର୍ବୃତ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ତାଙ୍କ ପୁଅଙ୍କୁ ପୋଲିସ ଗିରଫ କରିଥିଲା । ପୋଲିସର ପାତର ଅନ୍ତର କାର୍ଯ୍ୟକଳାପକୁ ନେଇ ମିନାକ୍ଷୀ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଏବଂ ତାଙ୍କ ପୁଅକୁ ମୁକ୍ତ ନକଲେ ସେ ଆତ୍ମାହୂତି ଦେବେ ବୋଲି କହିଥିଲେ । ଗତକାଲି ବ୍ରହ୍ମପୁର ଏସପିଙ୍କୁ ଭେଟିବାକୁ ଯିବା ସମୟରେ ଏସପି ତାଙ୍କୁ ନଭେଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ବିଜେଡି ନେତ୍ରୀ ପ୍ରଶାସନ ପାଖରୁ ନ୍ୟାୟ ନପାଇ ଆତ୍ମହତ୍ୟା କରୁଛନ୍ତି । ତେବେ ୫-ଟି, ମୋ ସରକାରରେ ସାଧାରଣ ଲୋକ କିପରି ନ୍ୟାୟ ପାଉଥିବେ ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି । ପୀଡିତାଙ୍କ ସମସ୍ୟା ଶୁଣିବା ପାଇଁ ପୋଲିସ ପ୍ରଶାସନ ପାଖରେ ସମୟ ନାହିଁ । ଗତକାଲିର ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟସରକାର, ଗୃହ ବିଭଗ ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଦାୟୀ । ରାଜ୍ୟରେ କୌଣସି ଘଟଣା ଘଟିଲା ପରେ ପୋଲିସ ଉଦାସୀନ ମନୋଭାବ ଦେଖାଉଛି । ଅନେକ ସ୍ଥାନରେ ପୋଲିସ ଶାସକ ଦଳର ନେତାଙ୍କୁ ସୁରକ୍ଷା ଯୋଗାଇ ଚାଲିଛି । ଗତକାଲି ଘଟଣାରେ ଯେହେତୁ ବିଜେଡିର ଦୁଇଟି ଗୋଷ୍ଠୀ ଥିଲେ ଏଭଳି ଘଟଣାରେ ପୋଲିସ ପକ୍ଷପାତିତା କାହାକୁ କରିବ ବୋଧେ ଜାଣିପାରିଲା ନାହିଁ । ପୋଲିସ ଜନତାଙ୍କୁ ନୁହେଁ କେବଳ ନେତାଙ୍କୁ ସୁରକ୍ଷା ଦେବା କାର୍ଯ୍ୟରେ ଲାଗିଛି । ଗତକାଲି ପରିବହନ ମନ୍ତ୍ରୀ ବ୍ରହ୍ମପୁର ଗସ୍ତ କରିଥିବା ଯୋଗୁଁ ଜିଲ୍ଲା ପୋଲିସ ତାଙ୍କ ପାଖରେ ଉପସ୍ଥିତ ଥିଲେ । କିନ୍ତୁ ପୀଡିତାଙ୍କ କଥା ଶୁଣିଲେ ନାହିଁ । ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ । ଯଦି ମିନାକ୍ଷୀ ମିଶ୍ରଙ୍କର କିଛି କ୍ଷତି ହୁଏ ଏଥିପାଇଁ ରାଜ୍ୟସରକାର, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଦାୟୀ ରହିବେ ବୋଲି ଡ.ସାମନ୍ତସିଂହାର କହିଛନ୍ତି ।





# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ



ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




## ବାଣେଶ୍ୱର ଶୈବପୀଠର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସହଯୋଗର ହାତ ବଢ଼ାଇଲା କମିଟି, ଘଟଗାଁ ବ୍ଲକ୍ ନିର୍ମାଣ ଶ୍ରମିକ ସଂଘ ଓ ଅଂଚଳବାସୀ କଲେ ଶ୍ରମଦାନ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ମାଆ ତାରିଣୀ ଶକ୍ତି ପୀଠ ନିକଟବର୍ତ୍ତୀ ତରା ଏବଂ ଖୁଂଟା ଗାଁ ମଧ୍ୟରେ କୁକୁରକଟା ନଦି କୂଳରେ ବହୁ ପୁରାତନ ଯୁଗରୁ ଅବସ୍ଥିତ ବାବା ବାଣେଶ୍ୱର ଶୈବପୀଠ ଅବସ୍ଥିତ। ବିଗତ ୪୦ ବର୍ଷ ପୂର୍ବରୁ ସରକାରଙ୍କ ଏହି ମନ୍ଦିରକୁ ଗମନା ଗମନ ସୁବିଧା ପାଇଁ କୁକୁରକଟା ନଦୀରେ ଏକ ପୋଲ ଏବଂ ମନ୍ଦିର ପରିସରକୁ ନଦୀସ୍ରୋତରୁ ରକ୍ଷାକରିବା ପାଇଁ ପାଚେରୀ ନିର୍ମାଣ କରିଦେଇଥିଲେ। କିନ୍ତୁ ଗତବର୍ଷ ଲଗାଣ ବର୍ଷାରେ ନଦୀର ସ୍ରୋତ ବଢ଼ିବା କାରଣରୁ ମନ୍ଦିରର ପୁରାତନ ପାଚେରୀ ଏବଂ ପୋଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏନେଇ ମନ୍ଦିର ଆୟୋଜକ କମିଟି ବାରମ୍ବାର ବ୍ଲକ୍ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଣିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସୁବନ୍ଦୋବସ୍ତ ହୋଇପାରି ନଥିଲା। ଫଳରେ କେତେ ଆଂଚଳିକ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗ ଏବଂ ଘଟଗାଁ ନିର୍ମାଣ ଶ୍ରମିକ ସଂଘର ଶ୍ରମଦାନରେ ମନ୍ଦିର ଚତୁଃପାର୍ଶ୍ୱ କ୍ଷୟକ୍ଷତି ତଥା ଠାକୁରଙ୍କ ବଗାୟତକୁ ମଧ୍ୟ ସଫାସୁତରା କରିଥିବା ଜଣାପଡ଼ିଛି। ଆଗାମୀ ଶିବ ରାତ୍ରି ପର୍ବକୁ ସାମୟିକ ଭାବେ ମନ୍ଦିର ଚେରେ ସିମେଣ୍ଟ କଂକ୍ରିଟ୍ କାର୍ଯ୍ୟ ଚାଲୁ ରଖିବା ପାଇଁ ନିର୍ମାଣ ଶ୍ରମିକ ସଂଘ ବୈଠକରେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଶ୍ରମଦାନ ଦେଇଥିବା ଶ୍ରମିକ ସଂଘର ସଭାପତି ମହେନ୍ଦ୍ର ପାତ୍ର, ସମ୍ପାଦକ ଦିବାକର ରାଣା, ଉପସଭାପତି ଧରଣୀଧର ପାତ୍ର, ସଭ୍ୟ କାହ୍ନୁଚରଣ ବେହେରା, ରବି ମାଝୀ, ଜଗଦିଶ ମୁଣ୍ଡା, ବାପି ମୁଣ୍ଡା, ସୁରେନ୍ଦ୍ର ମୁଣ୍ଡା, ଲକ୍ଷ୍ମୀଧର ପାତ୍ର, ଅଭିମନ୍ୟୁ ପାତ୍ର, ବାବଲ ପାତ୍ର, ବିଦେଶି ବାରିକ ଏବଂ ଶ୍ରମଦାନ ଦେଇଥିବା ଅଂଚଳବାସୀଙ୍କୁ ମନ୍ଦିର ଆୟୋଜକ କମିଟି ତରଫରୁ କୃତଜ୍ଞତା ଜଣାଇଛନ୍ତି।

## ମହିଳା ହିଂସା ବିରୋଧରେ ସଚେତନତା ରଥ

କେନ୍ଦୁଝର (ପିଏନ୍): ବର୍ତ୍ତମାନ ସମାଜରେ ହେଉଥିବା ମହିଳା ହିଂସାକୁ ରୋକିବା ପାଇଁ ଏକ ସଚେତନତା ରଥ ବ୍ଲକ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କା ଦ୍ୱାରା ଆୟୋଜିତ ଏହି ସଚେତନତା ରଥ ପ୍ରତି ଗ୍ରାମ, ସାହି, ପଡ଼ାକୁ ଯାଇ ମହିଳାମାନଙ୍କ ପ୍ରତି ଅତ୍ୟାଚାର ହେଉଥିବା ବିରୋଧରେ ସଚେତନତା ସୃଷ୍ଟି କରିଥିଲା। ମହିଳାମାନଙ୍କ ବିରୋଧରେ ହେଉଥିବା ହିଂସା ଯଥା ଶାରିରୀକ, ମାନସିକ, ଯୌନ ନିର୍ଯାତନା, ଆର୍ଥିକ ହିଂସାର ଶିକାର ହେଉଥିବା। ୨୦% ମହିଳା ଘରୋଇ ହିଂସାର ଶିକାର ହୁଅନ୍ତି। ଏକ ସର୍ଭେ ଅନୁଯାୟୀ ୧୮ ବର୍ଷ ଆଗରୁ ୨୬.୮% ଝିଅ ବିବାହ କରନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ପ୍ରତାରଣାର ଶିକାର ହୋଇଥାନ୍ତି। ତେଣୁ ସମସ୍ତେ ମିଶି ଏହି ମହିଳା ହିଂସାକୁ ବନ୍ଦ କରିବା ନିମନ୍ତେ ସଚେତନ ହେବା ଜରୁରୀ ବୋଲି ଏଥିରେ ଶାରକନା ଦାସ ମତ ପ୍ରକାଶ କରିଥିଲେ। ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଟଣା ବିଡିଓ ପ୍ରଫୁଲ୍ଲ କୁମାର ନାଏକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କା ବ୍ଲକ ସଂଯୋଜକ ମିତ୍ରଭାନୁ ମହାନ୍ତ, ଜିପିଇଓ ରଶ୍ମିରେଖା ମହାନ୍ତି, ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାଏକ, ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ସସ୍ମିତା ନାଏକ, ସଂଘମିତ୍ରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ପାଟଣା ବିଡିଓ ପ୍ରଫୁଲ୍ଲ କୁମାର ନାଏକ ଶୁଭାରମ୍ଭ କରିଥିଲେ।

## ପାଟଣା ଡାକ୍ତରଖାନା ଦ୍ୱାରା ସ୍ୱଚ୍ଛତା ପକ୍ଷ ପାଳିତ

କେନ୍ଦୁଝର (ପିଏନ୍): ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ନିକଟରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ସ୍ୱଚ୍ଛତା ଦିବସ ଅବସରରେ ପାଟଣା ଡାକ୍ତରଖାନାର ଡ. ଶୁଭେନ୍ଦୁ ସାଗର କୁମାର ନାୟକ, ଡ. ଚନ୍ଦ୍ରଭାନୁ ମହାନ୍ତ, ବିପିଏମ୍ ଦୀପକ କୁମାର ନାୟକ, ମହିଳା ସ୍ୱାସ୍ଥ୍ୟକର୍ମୀ ସରୋଜିନୀ ସେଠୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭାରତ'ର କର୍ମଚାରୀମାନେ ଏହି ସ୍ୱଚ୍ଛତା ପକ୍ଷରେ ଡାକ୍ତରଖାନା ପରିସର ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ। ଡାକ୍ତରଖାନା ପରିସରକୁ ଫିନାଇଲ, ବ୍ଲିଚିଂ ଦ୍ୱାରା ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ରୋଗି ୱାର୍ଡ, ଆଗଣା ଆଦିକୁ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏରେଣ୍ଡେଇ ସ୍ଥିତ ଭାରତ ଉପବନ ପ୍ରକଳ୍ପ ନିର୍ଦ୍ଦେଶକ ଉଦୟ ନାରାୟଣ ବେହେରା, ପ୍ରକଳ୍ପ ସଂଯୋଜକ ଶିବନାଥ ପ୍ରଧାନ, ରଣଜିତ ମହାନ୍ତ, କୋଷାଧ୍ୟକ୍ଷ ନଟବର ନାୟକଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସ୍ୱଚ୍ଛତା ପକ୍ଷ ଅବସରରେ ନିଜେ ସଫା ସୁତୁରା ରହିବା ସହିତ ନିଜ ଘର, ଗ୍ରାମ, ସାହି ଓ ପଡାକୁ ମଧ୍ୟ ପରିସ୍କାର ରଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଘର ଓ ବାହାର ପରିସ୍କାର ପରିଚ୍ଛନ୍ନ ରହିଲେ ଅନେକ ବଡ ବଡ ରୋଗରୁ ରକ୍ଷାମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପାଟଣା ଡାକ୍ତରଖାନାର ଭିତର ଓ ବାହାରକୁ ପରିଷ୍କାର କରିବା ସହିତ ଏକ ପଦଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା।

## ଶୁଆକାଟୀରେ ଖଣି ସୁରକ୍ଷା ସପ୍ତାହ ପାଳିତ: ଲକ୍ଷ୍ୟ ପୂରଣରେ ଗନ୍ଧମାର୍ଦ୍ଦନ ପୁରସ୍କୃତ

କେନ୍ଦୁଝର (ପିଏନ୍): ଓଡିଶା ଖଣି ନିଗମ ଅନ୍ତର୍ଗତ ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୌହ ଖଣିରେ ୫୭ତମ ଖଣି ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ପୂରଣରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିକୁ ବିଶେଷ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ଗ୍ରହଣ ସମୟରେ ଏଜେନ୍ସିର ସଭାପତି ବାବାଜୀଚରଣ ବାରିକ, ସମ୍ପାଦକ ଅଞ୍ଜନ କୁମାର ବେଜ, ପଂଚାନନ ବାରିକ, ଦୁଃଖବନ୍ଧୁ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ଚାଇଁବସା ଖଣି ସୁରକ୍ଷା ନିର୍ଦ୍ଦେଶକ ଏମଡି ଅଲତାଫ ଆନସାରୀ, ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୌହ ଖଣିର ରିଜିଓନାଲ ମ୍ୟାନେଜର ପ୍ରସନ୍ନ କୁମାର ସ୍ୱାଇଁ, ବଲାଣୀ ସେଲ ଖଣିର ସାଧାରଣ ପରିଚାଳକ କମଲ ଭାସ୍କର, କିରିବୁରୁ ଖଣିର ସହ-ସାଧାରଣ ପରିଚାଳକ ସଞ୍ଜୟ ବାନାର୍ଜୀ, ଟେନସାସ୍ଥିତ ଜିନ୍ଦଲ ଷ୍ଟିଲର ବି.ଡି. ସାହୁ, ବରସୁଆଁ ଲୌହ ଖଣିର ବଳରାମ କାତରିଆ, ନୂଆମୁଣ୍ଡି ଟାଟା ଷ୍ଟିଲର ଏସ୍‌ଏନ୍ ଶ୍ରୀନିବାସନ, ଚାଇଁବସା ଜୋନର ନିରଞ୍ଜନ କୁମାର, ଗୁଆ ଆଇରନ ମାଇନ୍ସର ସାଧାରଣ ପରିଚାଳକ ପଙ୍କଜ କୁମାର, କୋଇଡା ମାଇନ୍ସର ଭବାନୀ ଶଙ୍କର ଚକ୍ର, ରୁଙ୍ଗଟା ମାଇନ୍ସର ଜେନେରାଲ ମ୍ୟାନେଜର ଏ.କେ. ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ସୁରକ୍ଷା ପରିଚାଳକ ସନାତନ ବେହେରାଙ୍କ ତତ୍ତ୍ୱାବଧାନରେ ଗାର୍ଡ ଅଫ ଅର୍ନର ପ୍ରଦାନ କରାଯାଇଥିଲା। ଶେଷରେ ଓଏମସି କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ନାଟକ ପରିବେଷିତ ହୋଇଥିଲା।

## ମା'ସଙ୍କଟତାରିଣୀ କ୍ରିକେଟ୍, କୁଣ୍ଡାପିଠା ଚମ୍ପିଆନ୍

ଢେଙ୍କିକୋଟ (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ସାନମସିଣାବିଲା ହାଇସ୍କୁଲ ଖେଳ ପଡିଆ ଠାରେ ମା'ସଙ୍କଟତାରିଣୀ କ୍ରିକେଟ୍ ଆସୋସିଏସନ୍ ତାର ୧୧ ବର୍ଷ ଖେଳର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସର୍ବମୋଟ୍ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗଦାଧରପୁର ସହିତ କୁଣ୍ଡାପିଠା ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ଫିଲ୍‌ଡିଂ ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭୧ ରନ୍ ସଂଗ୍ରହ କରିଥିଲା କୁଣ୍ଡାପିଠା ଦଳ। ଏହାର ପ୍ରତିବାଦରେ ଗଦାଧରପୁର ୪୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜେତା କୁଣ୍ଡାପିଠା ଦଳକୁ ଟ୍ରଫି ସହିତ ୯ହଜାର ଏବଂ ରନର୍ସଅପ୍ ଗଦାଧରପୁର ଦଳକୁ ଟ୍ରଫି ସହିତ ୭ହଜାର ଟଙ୍କାର ପୁରସ୍କାର ଦିଆଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରହି ଏବଂ ମ୍ୟାନ୍ ଅଫ୍ ଦି ସିରିଜ ସାନୁଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ଏହି ଫାଇନାଲ ମ୍ୟାଚ୍‌ରେ ନିମନ୍ତ୍ରିତ ଅତିଥି ଭାବେ ଘଟଗାଁ ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସଂଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଂଚ ବିଜୟ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଶମ୍ଭୁନାଥ ଏବଂ ଅଜୁ। ଧାରାବିବରଣୀ ପ୍ରଦାନ କରିଥିଲେ ଦିପୁ। ଏହି ଟୁର୍ଣ୍ଣାମେଣ୍ଟକୁ ମା'ସଙ୍କଟ ତାରିଣୀ କ୍ରିକେଟ୍ ଆସୋସିଏସନ୍ ର ସମସ୍ତ କର୍ମକର୍ତ୍ତା ଆୟୋଜନ କରିଥିଲେ।

# ପଞ୍ଚମାନବୀୟ ମୂଲ୍ୟବୋଧ ପ୍ରଣୟ ପରମ ବେଦଃ...



ବାବା କହିଛନ୍ତି, 'ସତ୍ୟ ହେଉଛି ଚିରନ୍ତନ ଓ ଜୀବାତ୍ମାର ସନ୍ଧାନରେ ମେଧାର ସଫଳତା' ଏହା ସତ୍ୟର ପାରମାର୍ଥିକ ବା ଆଧ୍ୟାତ୍ମିକ ବା ଉଚ୍ଚତର ନିଗୂଢ଼ ଅର୍ଥ। ନୈତିକ ଦୃଷ୍ଟିକୋଣରୁ ଆମର ବଚନରେ ସତ୍ୟତା ଏବଂ ଆମର ଚିନ୍ତା ଓ କର୍ମ ମଧ୍ୟରେ ସମତାକୁ ସତ୍ୟ ବୁଝାଏ। ଏହାକୁ ହିଁ ବାବା କହନ୍ତି 'ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧ୍ୟାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ଆମ ମଧ୍ୟରେ ନିହିତ ଉତ୍କର୍ଷ ବା ତ୍ରୁଟିହୀନତା ଯେତେ ଅଧିକରୁ ଅଧିକ ପ୍ରକଟିତ ହେଉଥିବ ଆମର ପ୍ରକୃତ ସ୍ୱରୂପ ସମ୍ପର୍କରେ ସେତିକି ଅଧିକରୁ ଅଧିକ ସଚେତନତା ଓ ଉପଲବ୍ଧି ବୃଦ୍ଧି ପାଇବ। ସତ୍ୟର ପରିପ୍ରକାଶ ପ୍ରଣାଳୀ ଆମର ଜ୍ଞାନାନୁସନ୍ଧାନ ସହ ଆରମ୍ଭ ହୁଏ ଏବଂ ଧୀଶକ୍ତିର ଉତ୍କର୍ଷ ସାଧନ ଓ ଆତ୍ମଅବବୋଧ ଶକ୍ତି ଭାବେ ରୂପାନ୍ତରଣ ଯୋଗୁଁ ଫଳପ୍ରସୂ ହୁଏ। ଯେତେବେଳେ ମନ ସମସ୍ତ ସାଂସାରିକ ଓ ଇନ୍ଦ୍ରିୟାନୁରାଗୀ କାମନାକୁ ପରିତ୍ୟାଗ କରି ଏକାଗ୍ର ଚିତ୍ତରେ ସତ୍ୟକୁ ଅନୁଧ୍ୟାନ କରିବ, ସେତେବେଳେ ମନ ଏକ ଉଚ୍ଚତର ଚୈତନ୍ୟ ଓ ଅନ୍ତର୍ଜ୍ଞାନଲବ୍ଧ ଦ୍ରଷ୍ଟା ସ୍ତରକୁ ଉନ୍ନୀତ ହେବ ଏବଂ ସେ ତ୍ରିକାଳ ସତ୍ୟ, ଯାହା ଅପରିବର୍ତ୍ତନୀୟ ଓ ଚିରନ୍ତନ, ତାକୁ ଉପଲବ୍ଧି କରିପାରିବ। ଏହାକୁ ହିଁ ବାସ୍ତବ ଆତ୍ମା ବା ଈଶ୍ୱର ବା ଜୀବାତ୍ମା ବା ପରମ ଚୈତନ୍ୟ ବୋଲି କୁହାଯାଏ। ଧର୍ମକୁ ବୁଝାଇବା ପାଇଁ ବାବା କହିଛନ୍ତି, 'ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ମାନବର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ହେଉଛି ଧର୍ମ।' ମାନବିକ ଇଚ୍ଛାଶକ୍ତିର ତ୍ରୁଟିହୀନ ଅନୁଶୀଳନ ମାଧ୍ୟମରେ ସଦାଚାରର ସାଧନ ସମ୍ଭବ। ସଦାଚାର, ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅପରିହାର୍ଯ୍ୟ ଅଙ୍ଗ। ସତ୍‌କର୍ମରେ ମାନବର ଇଚ୍ଛା ବା ଅଭିରୁଚି ଅନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଏହା ବୁଝାଇଥାଏ। ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧ୍ୟାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ। ଏହା ପ୍ରଭାତରୁ ସନ୍ଧ୍ୟା ଓ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମାନବର ସମସ୍ତ କ୍ରିୟାକଳାପକୁ ନିୟନ୍ତ୍ରଣ କରିଥାଏ। ଶାନ୍ତିକୁ ବର୍ଣ୍ଣନା କରିବାକୁ ଯାଇ ବାବା କହିଛନ୍ତି 'ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ'। ମଣିଷର କାମନାଗୁଡ଼ିକ ତାର ମନରୂପକ ହ୍ରଦର ନିଶ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ। କାମନାରହିତ ମନ ତା'ର ଶାନ୍ତି ଅବସ୍ଥା ଫେରି ପାଇଥାଏ। ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ବା ପ୍ରଶାନ୍ତି ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ। ପୁଣି କେବଳ ଜ୍ଞାନାଲୋକିତ ବା ବୌଦ୍ଧିକ ମନ ସାହାଯ୍ୟ ଦ୍ୱାରା ପରମ-ଶାନ୍ତି (ପ୍ରଶାନ୍ତି) ଲାଭ ଓ ଉପଭୋଗ କରାଯାଇ ପାରିବ। ଏହି ପରମ ଶାନ୍ତି ହିଁ ଆନନ୍ଦ। ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ, ଜାଗତିକ ଆସକ୍ତି, ଅଧିକରୁ ଅଧିକ ପରିହାର କରି ଭଗବାନଙ୍କ ପ୍ରତି ଆସକ୍ତି ଅଧିକରୁ ଅଧିକ ବଢ଼ାଇବାକୁ ହେବ ଏବଂ ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ। ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ। ଆତ୍ମାର ଜାଗରଣ, ହୃଦୟର ପ୍ରସ୍ଫୁଟନ ଓ ପ୍ରସାରଣ ଏବଂ ସମସ୍ତଙ୍କ ପ୍ରତି ସ୍ନେହଶ୍ରଦ୍ଧାର ସ୍ୱତଃ ବର୍ଷଣକୁ ବାବା ପ୍ରେମ ରୂପେ ବୁଝାନ୍ତି। ଭଗବାନ ଯେ ସବୁ ଜୀବରେ ବିଦ୍ୟମାନ, ଏହି ସତ୍ୟ ପ୍ରତି ଅନ୍ତର୍ଜ୍ଞାନ ଲବ୍ଧ ଚୈତନ୍ୟ ଓ ପ୍ରତ୍ୟକ୍ଷ ଉପଲବ୍ଧି ଲାଭ କରିବା ଫଳସ୍ୱରୂପ ପ୍ରେମର ସୃଷ୍ଟି। ବାବା କହନ୍ତି, 'ପ୍ରେମ ସ୍ୱାର୍ଥରହିତ' ଏବଂ 'ତ୍ୟାଗ ଓ କ୍ଷମା ଦ୍ୱାରା ହିଁ ପ୍ରେମ ବଞ୍ଚିରହେ'। ପ୍ରେମ ସର୍ବଜନ ଐକ୍ୟଭାବକୁ ଗ୍ରହଣ କରେ। ଅନ୍ୟମାନଙ୍କ ସହିତ ନିଜର ଅଭିନ୍ନତା ଓ ଐକ୍ୟଭାବକୁ ପ୍ରେମ ସନ୍ଦର୍ଶନ କରେ। ଯେତେବେଳେ ସଦା ଭଗବତ୍ ପ୍ରେମାସକ୍ତ ବ୍ୟକ୍ତିର ହୃଦୟ ସମଗ୍ର ମାନବ ଜାତିର ଭ୍ରାତୃତ୍ୱ ଓ ସମସ୍ତ ଜୀବମାନଙ୍କର ଜ୍ଞାତିତ୍ୱ ବିଷୟକ ସତ୍ୟକୁ ଉପଲବ୍ଧି କରେ, ସେତେବେଳେ ଏହା 'ପ୍ରେମ' ପଦବାଚ୍ୟ ହୁଏ। ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି। ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା। ଆଧ୍ୟାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ। ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ। ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ। ଏତାଦୃଶ ବ୍ୟକ୍ତି ନିଜର ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ବିଭିନ୍ନତା ଅନୁଭବ କରେନାହିଁ। ଏହା ଜୀବାତ୍ମାରୁ ନିର୍ଗତ ନିର୍ମଳ ଓ ବ୍ୟକ୍ତିତ୍ୱରହିତ ପ୍ରେମ ଅଟେ।

**ନିରୁପମା ଭୂୟାଁ, ସଭାନେତ୍ରୀ, ସାଇବାବା ସ୍ୱୟଂ ସହାୟକ ସଂଗଠନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**



**ଭାଲେଣ୍ଟାଇନ୍‌ସ ଡେ:** ଫେବୃଆରୀ ଚଉଦରେ ପାଳନ କରାଯାଏ ଭାଲେଣ୍ଟାଇନ୍‌ସ ଡେ। ଏହି ଦିନ ସେଣ୍ଟ ଭାଲେଣ୍ଟାଇନଙ୍କୁ ଉତ୍ସର୍ଜିତ। ଏହି ଦିନରେ ସେଣ୍ଟ ଭାଲେଣ୍ଟାଇନସ୍ ଧର୍ମରକ୍ଷା ପାଇଁ ପ୍ରାଣ ହରାଇଥିବାର ଉଲ୍ଲେଖ ଅଛି। କିମ୍ବଦନ୍ତୀ ତଥା ଇତିହାସରେ ଏକାଧିକ ସେଣ୍ଟ ଭାଲେଣ୍ଟାଇନସ୍‌ଙ୍କ ଉଲ୍ଲେଖ ଥିବାରୁ ପ୍ରକୃତରେ କେଉଁ ସନ୍ଥଙ୍କ ପାଇଁ ଏହାର ପାଳନ ଆରମ୍ଭ ହୋଇଥିଲା ନିର୍ଦ୍ଦିଷ୍ଟ ଭାବେ ଜଣାଯାଏନାହିଁ। ରୋମାନ୍ ସମ୍ରାଟ ଦ୍ୱିତୀୟ କ୍ଲଡିୟସ୍ ସୈନିକଙ୍କ ବିବାହ ନିଷିଦ୍ଧ କରିଥିଲେ। ଆଉ ଜନଶ୍ରୁତି ଅନୁଯାୟୀ ସେମାନଙ୍କର ବିବାହ କରାଇ ସମ୍ରାଟଙ୍କ କ୍ରୋଧର ଶିକାର ହୋଇଥିଲେ ସେଣ୍ଟ ଭାଲେଣ୍ଟାଇନ। ତାଙ୍କୁ ବନ୍ଦୀ କରାଯାଇଥିଲା। ନିଜର ଅଲୌକିକ ଶକ୍ତି ବଳରେ ଏହି ସେଣ୍ଟ ଭାଲେଣ୍ଟାଇନ, ବନ୍ଦିଶାଳାର ମୁଖ୍ୟ ଅଷ୍ଟେରିୟସ୍‌ଙ୍କ ଅନ୍ଧୁଣୀ କନ୍ୟା ଜୁଲିୟାଙ୍କ ଦୃଷ୍ଟି ଶକ୍ତି ଫେରାଇ ଆଣିଥିଲେ। ବିସ୍ମିତ ଅଷ୍ଟେରିୟସ୍‌ଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ କିଛି କାରାଗାର ରକ୍ଷୀ, ତାଙ୍କ ଦ୍ୱାରା ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ। ତେବେ ସମ୍ରାଟ ପ୍ରଭାବିତ ହୋଇ ନଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ସେଣ୍ଟ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମୃତ୍ୟୁ ପୂର୍ବରୁ ସେ ଜୁଲିୟାଙ୍କୁ ପତ୍ରଟିଏ ଲେଖିଥିବା ମଧ୍ୟ ଜନଶ୍ରୁତି କହେ। ସେଥିରେ ଲେଖାଥିଲା ଇତି ତୁମର ଭାଲେଣ୍ଟାଇନ। ଭାଲେଣ୍ଟାଇନ ପ୍ରେମ ନା ଶ୍ରଦ୍ଧା ଯୋଗୁଁ ଏହା ଲେଖିଥିଲେ ଅଜଣା। ବ୍ରିଟିସ କବି ଜିଓଫ୍ରେ ଚସର ପାର୍ଲିଆମେଣ୍ଟ ଅଫ ଫାଉଲ୍ସ କବିତାରେ ପ୍ରଥମେ ସେଣ୍ଟ ଭାଲେଣ୍ଟାଇନ ନାମ ଉଲ୍ଲେଖ କରିଥିଲେ। ୧୩୭୦-୮୦ ମଧ୍ୟରେ ଲିଖିତ କବିତାର ଶେଷ ଧାଡ଼ିଟି ଏହିପରି "For this was on seynt Valentyne’s Day, when every foul cometh ther to chese his make." ଅର୍ଥାତ୍ ଏହାଥିଲା ସେଣ୍ଟ ଭାଲେଣ୍ଟାଇନଙ୍କ ଦିବସ, ଯେଉଁ ଦିନ ପ୍ରତିଟି ଗଞ୍ଜା ସଙ୍ଗୀ ଚୟନ ପାଇଁ ଏଠାକୁ ଆସିଥିଲେ। ଉଲ୍ଲେଖଯୋଗ୍ୟ ଯେ ମଧ୍ୟ ଯୁଗରେ ଫ୍ରାନସ ଓ ବ୍ରିଟେନରେ ଫେବୃଆରୀ ୧୪କୁ ପକ୍ଷୀଙ୍କ ମିଳନ ଦିନର ଆରମ୍ଭ ଭାବେ ଗ୍ରହଣ କରାଯାଇଥିଲା। ପୋପ ଜିଲାସିଅସ୍ ଫେବୃଆରୀ ୧୪କୁ ସେଣ୍ଟ ଭାଲେଣ୍ଟାଇନସଙ୍କ ଦିବସ ଘୋଷିତ କରିଥିଲେ। ତେବେ, ଏହା କେବେ ପ୍ରଣୟ ଦିବସରେ ପରିଣତ ହୋଇଥିଲା କେହି ଜାଣନ୍ତିନାହିଁ। ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।



ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ-ଭାଗବତର ସେହି କଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧିକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ସହ-ପ୍ରତିରତ୍ନିକ ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ମାନସିକ କାରଣରୁ ଶାରୀରିକ ରୋଗ



ଭୁବନେଶ୍ୱର (ପିଏନ୍): ସାଧାରଣ ଜୀବନରେ ଏହା ବହୁଳ ପରିମାଣରେ ଦେଖାଦିଏ। ମୁଣ୍ଡବିନ୍ଧା ଠାରୁ ଆରମ୍ଭ କରି କେତେକ ପ୍ରକାର ହୃଦ୍‌ରୋଗ, ଅନ୍ତଃସ୍ରାବୀ ରୋଗ ଯଥା - ମଧୁମେହ, ଆଜ୍‌ମା, ଥାଇରୟଡ଼ ରୋଗ, ପାକଯନ୍ତ୍ର ରୋଗ, ଯଥା ପାଟିଘା, ଗଳଗଣ୍ଡ ରୋଗ, ପାକସ୍ଥଳୀ ଘା' ଅନ୍ତନଳୀର ରୋଗ ଇତ୍ୟାଦି ହୋଇଥାଏ। ମାନସିକ କାରଣଜନିତ ଶାରୀରିକ ରୋଗ ସମ୍ପର୍କରେ ବୁଝିବାକୁ ହେଲେ ଆମକୁ କେତେକ ନିର୍ଦ୍ଦିଷ୍ଟ ମନସ୍ତାତ୍ତ୍ୱିକ ପଦ୍ଧତି ସମ୍ପର୍କରେ ପ୍ରଥମେ ଜାଣିବାକୁ ପଡ଼ିବ। ଦୁଇଟି ନିର୍ଦ୍ଦିଷ୍ଟ ପଦ୍ଧତିର ବର୍ଣ୍ଣନା ଦିଆଗଲା। **ପ୍ରଥମ ପଦ୍ଧତି :** ପ୍ରଥମ ପଦ୍ଧତି ମନର ଅବସ୍ଥାକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇଛି ଯଥା- **ଚେତନ ମନ :** ଯେଉଁ କଥା ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ପଚାରିବା କ୍ଷଣି ସଙ୍ଗେ ସଙ୍ଗେ ଉତ୍ତର ଦେଇପାରୁ ବା ନିଜକୁ କୌଣସି ଏକ ଅଘଟଣରୁ ସଙ୍ଗେ ସଙ୍ଗେ ଶୀଘ୍ର ରକ୍ଷା କରିପାରୁ ତେବେ ତାହା ଚେତନ ମନ ଦ୍ୱାରା ପରିଚାଳିତ ହେଲା ବୋଲି ଜାଣିବା। **ଅବଚେତନ ମନ :** ଯେଉଁ କଥା, ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ସଙ୍ଗେ ସଙ୍ଗେ ଉତ୍ତର ଦେଇହୁଏ ନାହିଁ ବା କରିହୁଏ ନାହିଁ ଓ ଏହା ଲିଭିବା ପାଇଁ ସମୟ ଲାଗେ ସେଗୁଡ଼ିକ ଅବଚେତନ ମନଦ୍ୱାରା ପରିଚାଳିତ ହୋଇଥାଏ। **ଅଚେତନ ମନ:** ଯେଉଁ କଥା, ଯେଉଁ ଘଟଣା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ଦରକାର ବେଳେ ଆଦୌ ମନେ ପଡ଼େ ନାହିଁ, କିନ୍ତୁ ସେହି ପୂର୍ବ ଅଭିଜ୍ଞତାରୁ କାର୍ଯ୍ୟ ସମ୍ପାଦିତ ହୋଇପାରେ ତାହାକୁ ଅଚେତନ ମନ କହନ୍ତି। କିନ୍ତୁ ଏହି ତିନିପ୍ରକାର ମନର ଅବସ୍ଥାକୁ ଗୋଟିଏ ସରଳ ଉଦାହରଣ ଦ୍ୱାରା ବୁଝାଇ ଦିଆଯାଇପାରିବ। ନୌକାରେ ବସି ଯାତ୍ରା କରୁଥିବାବେଳେ ନୌକାର କାତର ଉପର ଅଂଶକୁ ପୂରା ଦେଖିହୁଏ; ତେଣୁ ଏହା ଚେତନ ମନ ସେହି କାତଟିର କିଛି ଅଂଶ ପାଣିକୁ ନିରୀକ୍ଷଣ କଲେ ବଙ୍କାହୋଇ ଝାପ୍‌ସା ଦେଖାଯାଏ। ତାହାକୁ ଅବଚେତନ ମନ କୁହାଯାଏ। କାତର ବଡ଼ ଅଂଶଟି, ଯାହାକି ପାଣି ଭିତରେ ବୁଡ଼ି ରହିଥାଏ ଯାହାକି ଆଦୌ ଦେଖିହୁଏ ନାହିଁ ତାହା ଅଚେତନ ମନ ଅନ୍ତର୍ଭୁକ୍ତ ଅଟେ। **ଦ୍ୱିତୀୟ ପଦ୍ଧତି :** ଏହି ମାନସିକ ପଦ୍ଧତିରେ ଆମର ଦୈନନ୍ଦିନ ପରିଚାଳନା କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଏହି ମନସ୍ତାତ୍ତ୍ୱିକ କ୍ରିୟା ପ୍ରଥମ ପଦ୍ଧତି ପରି ତିନୋଟି ନିୟମରେ ପରିଚାଳିତ ହୁଏ, ଯଥା- **ଇଦ୍:** ଏହି ଭାବନାଗୁଡ଼ିକ ତତ୍‌କ୍ଷଣାତ୍ ମନରେ ପ୍ରବେଶ କରେ ଓ ଆବେଗ ଇଚ୍ଛାଶକ୍ତି ହିସାବରେ ପରିଗଣିତ ହୋଇଥାଏ। ଉଦାହରଣ ସ୍ୱରୂପ ହଠାତ୍ ବଡ଼ଲୋକ ହେବାକୁ, ବଡ଼ ନେତା ହେବାକୁ, ବଡ଼ ଖେଳାଳି ହେବାକୁ, ବଡ଼ ଗାୟକ ବା ଗାୟିକା ହେବାକୁ ମନ କରିବା ଏହାର ଅନ୍ତର୍ଭୁକ୍ତ। **ଇଗୋ:** ଏହା ମନର ବାସ୍ତବବାଦୀ ବ୍ୟବସ୍ଥା। ଉଦାହରଣ ସ୍ୱରୂପ ଆମେ ନିଜର ପରିସ୍ଥିତି ଯଥା ବିଦ୍ୟାବୁଦ୍ଧିରେ ଯେଉଁ ଅବସ୍ଥାରେ ଅଛୁ ସେହି ଅବସ୍ଥାର ମନକୁ ଇଗୋ ମନ କୁହାଯାଏ। ଏହି ଇଗୋ ମନ ବାସ୍ତବ ସ୍ଥଳରେ ମଧ୍ୟ ଦୁଇ ପ୍ରକାରର ହୁଏ। ଗୋଟିଏ ହେଉଛି ପରିସ୍ଥିତିକୁ ବିଚାରକୁ ନେଇ ବଢ଼ିବାକୁ ବା ବଡ଼ ହେବାକୁ ଭାବିବା ଓ ଅନ୍ୟଟି ହେଉଛି ପ୍ରକୃତ ପରିସ୍ଥିତିର ମନର ଅବସ୍ଥା। ଯେତେବେଳେ ପରିସ୍ଥିତିକୁ ଲକ୍ଷ୍ୟ କରି ଉଚ୍ଚ ହେବାକୁ ଭାବନା ଯୁକ୍ତିଯୁକ୍ତ ହୋଇଥିଲେ ବି କୌଣସି କାରଣରୁ ସମ୍ପାଦିତ ହୋଇପାରେ ନାହିଁ, ସେତେବେଳେ ମନରେ ନୈରାଶ୍ୟ ଆସିଥାଏ ଓ ବାରମ୍ବାର ଏହି ନୈରାଶ୍ୟ ଆସିଲେ ମନ ବିଷାଦ ରୋଗଗ୍ରସ୍ତ ହୁଏ। **ସୁପର ଇଗୋ:** ପିଲାଦିନ ଠାରୁ ବଢ଼ିବା ପର୍ଯ୍ୟନ୍ତ ବାପ, ମା', ପରିବାର, ସମାଜ ଓ ପରିସ୍ଥିତିରୁ ଯେଉଁ ଶିକ୍ଷା ଆମ ମନକୁ ସଭ୍ୟତା ଶିଖାଇଥାଏ ତାହାକୁ ସୁପର ଇଗୋ କହନ୍ତି। ଭୁଲ କାମ କଲେ ମନରେ ଦୁଃଖ ଆସେ, ଅନୁତାପ ହୁଏ। ଏହାକୁ ସୁପର ଇଗୋର ପ୍ରତିକ୍ରିୟା ବୋଲି କହନ୍ତି। ବୟସର ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ମସ୍ତିଷ୍କର ମଧ୍ୟ ଅଭିବୃଦ୍ଧି ହୋଇଥାଏ। ଏହା ୧୬ ବର୍ଷ ବୟସରେ ବା କେତେକଙ୍କ ମତରେ ୧୮ ବର୍ଷ ବୟସରେ ସମ୍ପୂର୍ଣ୍ଣ ହୋଇଥାଏ। ପିଲାଦିନରେ ଯେ କୌଣସି ଅବାସ୍ତବ କଥା କୋମଳ ମସ୍ତିଷ୍କରେ ସତ୍ୟ ବୋଲି ବୁଝି ହୋଇଯାଏ। ସେଥିପାଇଁ ପିଲାଦିନାରୁ ଭୂତପ୍ରେତ ସମ୍ପର୍କୀୟ ଘଟଣା ମା' ବା ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କଠାରୁ ଶୁଣି ସେହି ଭୟ ବଡ଼ ହେବା ବେଳକୁ ରହିଯାଏ। ୧୨ ବର୍ଷରୁ ୧୮ ବର୍ଷ ବୟସ ଭିତରେ ମସ୍ତିଷ୍କରୁ ଦ୍ରୁତ ଅଭିବୃଦ୍ଧି ଘଟେ। ସେହି ସମୟରେ ଆମେ ମନ ଭିତରେ କିଭଳି ଗୋଟିଏ ବଡ଼ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଅଫିସର, କଳାକାର ବା ଖେଳାଳି ହେବୁ ସେଥିପାଇଁ ଚିନ୍ତା ଓ ଚେଷ୍ଟା ଅହରହ ଲାଗିରହେ। ଯଦି ସୌଭାଗ୍ୟରୁ ମନ ବୁଝିଲାପରି ବଡ଼ ପଦବୀ ମିଳିଗଲା ତାହେଲେ ତ ଭଲ କଥା, ନଚେତ୍ ସେହି ବଡ଼ ବା ଭଲ ହେବା ପାଇଁ ମନ ଭିତରେ ସବୁବେଳେ ଏକ ଅନ୍ତର୍ନିହିତ ଇଚ୍ଛା ରହିଥାଏ। ବ୍ୟକ୍ତିଗତ ଜୀବନ ପାରିବାରିକ ପରିସ୍ଥିତି, ସାମାଜିକ ସାହାଯ୍ୟ ସହାନୁଭୂତି ଯଦି ଠିକ୍‌ଠାକ ମିଳିଗଲା ତେବେ ବଡ଼ ନ ହେଲେ ବି ଭଲ ମଣିଷ ହେବାପାଇଁ ମନ ବୁଝିଯାଏ। କିନ୍ତୁ ସାଧାରଣ କ୍ଷେତ୍ରରେ ଏହା ସମ୍ଭବ ହୁଏ ନାହିଁ ଓ ମନର ଇପ୍‌ସିତ ବାସନା ଭୁଲିଗଲେ ବି ଭିତରେ ଭିତରେ ସବୁବେଳେ ମନକୁ ଯନ୍ତ୍ରଣା ଦିଏ ଓ ଶରୀରରେ ବିଭିନ୍ନ ରୋଗ ପ୍ରକାଶ ପାଇଥାଏ। କୌଣସି ନା କୌଣସି କାରଣରୁ ଅଶାନ୍ତି ମସ୍ତିଷ୍କରେ ଥିବା ଲିମ୍ବିକ୍ ସିଷ୍ଟମର କାର୍ଯ୍ୟକାରିତାରେ କୁପ୍ରଭାବ ପକାଏ ଓ ମସ୍ତିଷ୍କର ସ୍ୱେଚ୍ଛାକୃତ ସ୍ନାୟୁଗୁଡ଼ିକର ପରିଚାଳନାରେ ତ୍ରୁଟି ଦେଖାଯାଏ। ଫଳରେ ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ହୃତ୍‌ପିଣ୍ଡ ରୋଗ, ପେପ୍‌ଟିକ୍ ଅଲସର ପାକକ୍ରିୟାର ବିଭିନ୍ନ ରୋଗ, ଚର୍ମରୋଗ ଓ ବିଭିନ୍ନ ପ୍ରକାର ସ୍ନାୟୁ ରୋଗ ଇତ୍ୟାଦି ଦେଖାଦିଏ। **ଚିକିତ୍ସା:** ଏହି ରୋଗଗୁଡ଼ିକର ଚିକିତ୍ସା କରିବା ସମୟରେ ରୋଗୀର ମାନସିକ ଅବସ୍ଥାର ଚିକିତ୍ସା ନକଲେ ରୋଗ ଭଲ ହୁଏ ନାହିଁ। ତେଣୁ ଡାକ୍ତରମାନେ ଏହି ରୋଗଗୁଡ଼ିକର ଚିକିତ୍ସା କରିବା ସମୟରେ ରୋଗୀର ଜୀବନ ବୃତ୍ତାନ୍ତ ଜାଣି ଚିକିତ୍ସା କରିବା ଦରକାର।

**(ସୌଜନ୍ୟ: ଡାକ୍ତର ସମ୍ରାଟ କର,** ମାନସିକ **ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩୩)**




# ବାଲେଶ୍ୱର କଚେରୀ ପାଣିବିନା ହାହାକାର

## ହଜାରେରୁ ଉର୍ଦ୍ଧ୍ୱ ଲୋକଙ୍କ ଗତାଗତା ସତ୍ତ୍ୱେ ଶୌଚାଳୟର ବ୍ୟବସ୍ଥା ନାହିଁ

ବାଲେଶ୍ୱର(ପିଏନ):ସୁସ୍ଥ ଓ ସ୍ୱଚ୍ଛ ପରିବେଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିଜ୍ଞାପନରେ ବ୍ୟୟ କରୁଥିଲେ ମଧ୍ୟ ବାସ୍ତବରେ ଏହି ଟଙ୍କା ଠିକ୍‌ଭାବେ ବିନିଯୋଗ ହୋଇପାରୁ ନାହିଁ । ଏହାର ସ୍ପଷ୍ଟ ନମୁନା ଦେଖିବାକୁ ମିଳିଛି ବାଲେଶ୍ୱର କଚେରୀହୋତା ଓ ଅଦାଲତ ପରିସର ହଜାର ହଜାର ଲୋକ ପ୍ରତ୍ୟହ କୋଟ କଚେରୀକୁ ଦୂରଦୂରାନ୍ତରୁ ଆସୁଥିଲେ ମଧ୍ୟ ଏମାନଙ୍କ ସୁବିଧା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଶୌଚାଳୟର ବ୍ୟବସ୍ଥା ନାହିଁ । କେବଳ ଓକିଲମାନେ ନିଜ ସୁବିଧା ପାଇଁ ବାର ହଲରେ ଛୋଟକାଟିଆ ଟଏଲେଟ୍ ଓ ପାଣିର ସୁବିଧା କରିଥିଲେ ମଧ୍ୟ ଏହା ସାଧାରଣ ମହକିଲମାନଙ୍କ ପାଇଁ ଉପଲବ୍ଧ ହୋଇନାହିଁ । ପୂର୍ବତନ ସାଂସଦ ଇଂ ରବିନ୍ଦ୍ର ଜେନା କଚେରୀ ପରିସରର କଳେବର ବୃଦ୍ଧିପାଇଁ ସାଂସଦ ଆଞ୍ଚଳିକ ବିକାଶ ପାଣ୍ଠିରୁ ଯେଉଁ ଟଙ୍କା ମଞ୍ଜୁର କରିଥିଲେ । ଏଥିରେ କେବଳ ଗୋଟିଏ ଗେଟ୍ ଓ କଚେରୀ ପରିସରରେ ସିମେଣ୍ଟ ଟାଇଲ୍ ବିଛାଯାଇଛି ଓ କିଛି ଝୁମ୍ପୁଡ଼ିକୁ ଉଠାଯାଇ ତହିଁରେ ଟିଣ ଚାଦର ଯୋଗେ କିଛି ଅସ୍ଥାୟୀ ଶିବିର ନିର୍ମାଣ ହୋଇଛି । ଯାହାକୁ ଓକିଲ ମୋହରୀର ଓ ବ୍ୟବସାୟୀମାନେ ବର୍ତ୍ତମାନର ବାରଏସୋସିଏସନ୍‌ର କର୍ମକର୍ତ୍ତାଙ୍କୁ ମୋଟା ଅଙ୍କର ଉତ୍କଚ ଦେଇ ନିଜ ଅକ୍ତିଆରରେ ରଖିଛନ୍ତି । ଏଥିରେ କୌଣସି ହିସାବ କିତାବ ନାହିଁ । ଯେଉଁ ଧରଣର ଟିଣଛପର ଘେରା ଅସ୍ଥାୟୀ ଶିବିର ଗ୍ରହଣ କରାଯାଇଛି । ଏଥିରେ ସର୍ଟସାର୍କିଟ ହେଲେ ଅନେକ ଧନଜୀବନ ହାନି ଘଟିବ । ବିନା ପ୍ଲାନିଂରେ ଏହି ଅସ୍ଥାୟୀ ଦୋକାନ ଘର ବଣ୍ଟନ ଓ ନିର୍ମାଣ କିଭଳି ହେଲା ତାହା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ କିମ୍ବା ତହସିଲଦାର ସର୍ବୋପରି ଜିଲ୍ଲା ପ୍ଲାନିଂ ବୋର୍ଡ ପାଖରେ ହିସାବ ନାହିଁ । ବଡ଼କଥା ହେଉଛି ଏବେ ଶୀତଋତୁ ଯାଇ ଗ୍ରୀଷ୍ମ ଅନୁଭବ ହେଲାଣି ସାଧାରଣତଃ ବିଶୁଦ୍ଧ ପାଣି ଯୋଗାଣ ପାଇଁ ପିଏଚ୍‌ଡ଼ି କିମ୍ବା ଜଳପରିମଳ ମିଶନ୍‌ପକ୍ଷରୁ ଏଠାରେ କୌଣସି ପାଣିଟାଙ୍କି ଓ ପାଇପ୍ ଜଳ ଯୋଗାଣର ବ୍ୟବସ୍ଥା ନାହିଁ । କେବଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପାଣି ଟେପ୍‌ରୁ ଲୋକେ ମୁହଁ ଲଗାଇ ପାଣି ପିଉଥିବାର ଲକ୍ଷ୍ୟ କରାଯାଇଛି । ଯେଉଁଠିକି ବୁଲା ଗାଈଗୋରୁ ଓ ଷଣ୍ଢ ମଧ୍ୟ ଭାଗିଦାର ହେଉଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜୈବ ଟଏଲେଟ୍ ନିର୍ମାଣ କରାଯାଇଥିଲା । ଏହା କେବଳ ଏକ ମଡେଲ ହୋଇରହିଛି । ସବୁ ସମୟରେ ଟଏଲେଟ୍‌ରେ ତାଲା ପଡ଼ି ରହୁଥିବାରୁ ଏହା କାହାରି ବ୍ୟବହାରରେ ଆସୁନାହିଁ । କଚେରୀ ହତା ଚତୁଃପାର୍ଶ୍ୱରେ ପରିବାହାଟ ଓ ଅନ୍ୟାନ୍ୟ ବାଣିଜ୍ୟ ପ୍ରତିଷ୍ଠାନ ରହିଥିଲେ ମଧ୍ୟ ଏମାନଙ୍କ ବ୍ୟବହାର ପାଇଁ କୌଣସି ସୁଲଭ ଶୌଚାଳୟର ବ୍ୟବସ୍ଥା ନାହିଁ । ୩୦ବର୍ଷ ପୂର୍ବେ ବାଲେଶ୍ୱରର ସର୍ବପୁରାତନ ବସ୍‌ଷ୍ଟାଣ୍ଡ ଯାହାକି ମିଶନ୍ ବାଳିକା ବିଦ୍ୟାଳୟ ପାଖରେ ରହିଛି ଏଠାରେ ଥିବା ସୁଲଭ ଇଣ୍ଟରନ୍ୟାସନାଲ୍‌ର ଶୌଚାଳୟ ମଧ୍ୟ ଭାଙ୍ଗିରୁଜି ଗଲାଣି । ଏବେ ପ୍ରଶ୍ନ ଉଠୁଛି ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା କଚେରୀ ପରିସର ଉନ୍ନୟନ ପାଇଁ ଯେଉଁ ଅର୍ଥ ମଞ୍ଜୁର କରିଥିଲେ ତାହା ଜିଲ୍ଲା ପ୍ଲାନିଂବୋର୍ଡ ଦ୍ୱାରା ମଞ୍ଜୁର ହୋଇଥିଲା କି ନାହିଁ । ଏବଂ ପିଡବ୍ଲୁଡି (କୋଠାବାଡ଼ି ଓ ରାସ୍ତା ନିର୍ମାଣ ବିଭାଗ ) ଦ୍ୱାରା କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ଫଳକଟିଏ ମଧ୍ୟ ଦେଖିବାକୁ ମିଳୁନାହିଁ । କିନ୍ତୁ କଚେରୀ ପରିସରରେ ଥିବା ବିଶାଳ ବଟବୃକ୍ଷ ଓ ଅଶ୍ୱତ୍ଥ ଓ ନିମ୍ବଗଛକୁ କାଟି ଦିଆଯାଇ ଏବେ ଲଣ୍ଡା ପରିବେଶ ସୃଷ୍ଟି ହୋଇଛି । ବସିବା ପାଇଁ ଟିକେ ଆଶ୍ରୟସ୍ଥଳ ନାହିଁ କି ଗାଡ଼ିମୋଟର ରଖିବା ପାଇଁ ପାର୍କିଂ ସ୍ଥାନର ମଧ୍ୟ ବ୍ୟବସ୍ଥା ନାହିଁ । ଏବେ କଚେରୀ ପରିସର ବେଆଇନ୍ ଗୁମୁଟି ଓ ଝୁମ୍ପୁଡ଼ି ଦ୍ୱାରା ଆବଦ୍ଧ ହୋଇ ରହିଥିଲେ ମଧ୍ୟ କଚେରୀକୁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମାଗାର, ପାଣି ଓ ଶୌଚାଳୟର ବ୍ୟବସ୍ଥା ନଥିବାରୁ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକମାତ୍ର ପୁରୁଣା ପୋଖରୀ ହୁଡ଼ାକୁ ମୁକ୍ତ ପାଇଖାନାଭାବେ ବ୍ୟବହାର କରୁଛନ୍ତି । ତେବେ କଚେରୀ ଓ ଅଦାଲତ ପରିସରରେ ପାଣି, ପାଇଖାନା ଓ ଉଜ୍ଜ୍ୱଳ ଆଲୋକବ୍ୟବସ୍ଥା ସାଙ୍ଗକୁ ଜଗୁଆଳିର ବ୍ୟବସ୍ଥା କରାଇବା ଦିଗରେ ଜିଲ୍ଲା ପ୍ରଶାସନ ଓ ଆଇନ୍‌ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି ।

## ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ୍ : କଳିଙ୍ଗ ସ୍ପୋର୍ଟିଂ ଚାମ୍ପିଅନ

ଧର୍ମଶାଳା, ୧୩/୨(ପି.ଏନ୍): ଧର୍ମଶାଳା ଫୁଟବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ଧର୍ମଶାଳା ବାଣୀପୀଠ ଖେଳପଡିଆରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଡିଫା କପ୍ ଓ ଦ୍ୱିତୀୟ ବାର୍ଷିକ ରଣଜିତ୍ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ କଟକର ବାପୁଜୀ ସ୍ପୋର୍ଟିଂକୁ ୪-୨ ଗୋଲରେ ପରାସ୍ତ କରି ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ସଂଘର୍ଷପୂର୍ଣ୍ଣ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ୍ ସ୍କୋର କରି ପାରିନଥିଲେ । ଫଳରେ ଟାଇବ୍ରେକର ପଦ୍ଧତିରେ କଟକ ଟିମ୍‌କୁ ୪-୨ ଗୋଲରେ ପରାସ୍ତ କରି ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା । ରେଫରୀ ଚିତରଂଜନ ଓଝା, ଶୈଳେସ ପାଣି ଓ ସେକ୍ ସଲିମ୍ ଅହମ୍ମଦ ଖେଳ ପରିଚାଳନା କରିଥିଲେ । ଆସୋସିଏସନ୍‌ର ସଭାପତି ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି ଓ ଚହଟା ସରପଞ୍ଚ ସରୋଜିନୀ ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ବିଜୟୀ ଦଳର ଦ୍ରକ୍ଷାନ ବାଗ୍ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଚନ୍ଦନ ନାୟକ ଓ ଶ୍ରେଷ୍ଠ ଗୋଲ୍‌କିପର ଡିଫାର ରମେଶ ସେଠୀ ଓ ଉଭୟ ଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଡିଫାର ସାଧାରଣ ସଂପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପଦେଷ୍ଟା ମହମ୍ମଦ ଅଜିଜୁଲ୍ଲା, କାର୍ଯ୍ୟକାରୀ ସଭାପତି କାଶୀନାଥ ଜେନା, ମ୍ୟାନେଜର ନବକିଶୋର ନାୟକ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ମହାନ୍ତି, କୋଚ୍ ପ୍ରମୋଦ ଲାଲା, ସହସଂପାଦକ ଦେବେନ୍ଦ୍ର ଜେନା, ସଭ୍ୟ ସୌମ୍ୟରଂଜନ ବାରିକ, ମାନସ ଜେନା, ଅଶ୍ୱିନୀ ଧଳ, ଆଦିତ୍ୟ ରାଉତ, ସେକ୍ ୟୁନୁସ୍, ତନ୍‌ବୀର ତାଜ୍, ସେକ୍ ଆସିକ୍, ହିତେଷ୍ ଜେନା ଓ ତାରିଣୀ ପ୍ରସାଦ ମହାନ୍ତି ଖେଳ ଓ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡା ସଂପାଦକ ସୁଜିତ୍ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

### ଷ୍ଟାଡିୟମରେ ହେଲା ଧର୍ମଶାଳା ପଞ୍ଚାୟତ ସମିତି ବୈଠକ

## ବିରୋଧୀଙ୍କ ବର୍ଜନ, ଚହଟା ସମିତି ସଭ୍ୟଙ୍କ ଧାରଣା

ଧର୍ମଶାଳା, ୧୩/୨(ଇମିସ): ଧର୍ମଶାଳା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ପରିସର ଇଣ୍ଡୋର୍ ହଲ୍‌ରେ ଆଜି ଅନୁଷ୍ଠିତ ହୋଇଥିଲା । ପ୍ରତିବାଦରେ ବିରୋଧୀ ଦଳ ସମର୍ଥିତ ସଭ୍ୟସଭ୍ୟା ବୈଠକକୁ ବର୍ଜନ କରିଥିବା ବେଳେ ଚହଟା ସମିତି ସଭ୍ୟ ମନୋଜ କୁମାର ରାଉଳ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ । ଏ ସଂପର୍କିତ ମାମଲା ହାଇକୋର୍ଟରେ ବିଚାରାଧିନ ଥିବାବେଳେ ଜିଲ୍ଲାପାଳ ବ୍ଲକ ସଭାଗୃହରେ ସମିତି ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ କେଉଁ ନିୟମ ଏବଂ କାହା ଆଦେଶ ବଳରେ ସମିତି ବୈଠକ ବ୍ଲକ୍ କାର୍ଯ୍ୟାଳୟ ବାହାରେ କରାଗଲା । ଏହାକୁ ନେଇ ବିରୋଧୀ ନାନା ପ୍ରଶ୍ନ ଉଠାଇଥିବା ବେଳେ ଏହା ରାଜନୈତିକ ମହଲରେ ଭିନ୍ନ ଏକ ଚର୍ଚ୍ଚା ସୃଷ୍ଟି କରିଛି । ପୂର୍ବରୁ ଧର୍ମଶାଳା ପଞ୍ଚାୟତ ସମିତି ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିଲା । ତେବେ ସଭ୍ୟସଭ୍ୟାଙ୍କ ସଂଖ୍ୟା ବୃଦ୍ଧି ଓ ସ୍ଥାନ ଅଭାବ ଆଳରେ ସମିତି ବୈଠକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍ ଉପର ମହଲାରେ କରାଗଲା । ଏଥିପାଇଁ ଇଣ୍ଡୋର ହଲ ଉପର ମହଲାରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତସମିତି ସଭାକକ୍ଷ ନିର୍ମାଣ ହୋଇଥିଲା । ଏହା ପଞ୍ଚାୟତିରାଜ ବିଭାଗ ଆଇନ ଉଲଂଘନ ବୋଲି ଅଭିଯୋଗକରି ଚହଟା ସମିତିସଭ୍ୟ ମନୋଜ ରାଉଳ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଉକ୍ତ ମାମଲାର ବିଚାରକରି ଜିଲ୍ଲାପାଳଙ୍କୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମିତି ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ବ୍ଲକ ପ୍ରଶାସନକୁ ସମିତି ବୈଠକ କାର୍ଯ୍ୟାଳୟ ପରିସରରେ କରିବା ପାଇଁ ଏ ସଂପର୍କିତ ନିର୍ଦ୍ଦେଶ ଦେଇଥିଲେ । ଏହାକୁ କେତେକ ସମିତି ସଭ୍ୟ ବିରୋଧ କରିବା ସହ ଏହାର ପୁର୍ନବିଚାର କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ପଞ୍ଚାୟତିରାଜ ଆଇନ ବିରୋଧୀ ବୋଲି ଉଲ୍ଲେଖ କରି ସମିତି ବୈଠକ କାର୍ଯ୍ୟାଳୟ ପରିସରରେ କରିବା ପାଇଁ କହିଥିଲେ । ଏହାକୁ ଶାସକଦଳ ସମର୍ଥିତ ସମସ୍ତ ସଭ୍ୟସଭ୍ୟା ବିରୋଧ କରିବା ସହ ଗତ ପଞ୍ଚାୟତ ସମିତି ବୈଠକକୁ ବର୍ଜନ କରିଥିଲେ । ତେବେ ଆଜି ସମିତି ବୈଠକ ପୁଣି ଷ୍ଟାଡିୟମ ପରିସରରେ ଏହାକୁ ବିରୋଧୀ ସଭ୍ୟସଭ୍ୟାମାନେ ନାପସନ୍ଦ କରିଛନ୍ତି । ଭାରପ୍ରାପ୍ତ ବିଡିଓ ଅସିତ୍ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିସନ ଅନୁଦାନ ଅର୍ଥ ୩୨ କୋଟି ଟଙ୍କାକୁ ଆସନ୍ତା ମାସକ ମଧ୍ୟରେ ସୁବିନିଯୋଗ କରିବାପାଇଁ ପରାମର୍ଶ ଦେଇଥିଲେ । ଏଥିସହ ସେ ପାନୀୟ ଜଳ ଯୋଗାଣ, ହରିଶ୍ଚନ୍ଦ୍ର ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ସଂପର୍କରେ ସୂଚନା ଦେଇଥିଲେ । ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷ ସୁଜାତା ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ରୁରାଲ୍ ହାଉସିଂ ଏପିଡି ସୁହାନା ବେଗମ୍, ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଜେନା, ଯୋଗାଣ ଅଧିକାରୀ ଜଗମୋହନ ଦାସ ଓ କୃଷି ଅଧିକାରୀ ପଲ୍ଲବୀ ନାୟକ ଯୋଗଦେଇ ସଭ୍ୟସଭ୍ୟାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଜିଲ୍ଲାପରିଷଦ ସଭ୍ୟ ନିରଂଜନ ରାଉତ, ସମିତି ସଭ୍ୟ ଜଳଧର ମହାନ୍ତି, ଜଳଧର ସାହୁ, ପ୍ରସନ୍ନ କୁମାର ରାଉତ, ସୁଦାମ ଚରଣ ବେହେରା, ଚିତରଂଜନ ନାୟକ, ମହେଶ୍ୱର ଭୋଇ, ସୁବ୍ରତ ଧଳ, ସଭ୍ୟା ବନଜିନୀ ପରିଡା, ସରପଞ୍ଚ ନିର୍ମଳ ସାମଲ, ନଗେନ୍ କୁମାର ଦାସ, ଦିବାକର ବେହେରା, ମନୋରଂଜନ ପ୍ରଧାନ, ଅକ୍ରୁର ଚରଣ ନାୟକ ପ୍ରମୁଖ ପାନୀୟ ଜଳ ଯୋଗାଣ, ଆବାସ ବଣ୍ଟନ, କୃଷି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ଓ ଏସବୁର ସମାଧାନ ସଂପର୍କରେ ପ୍ରଶ୍ନ ଉଠାଇଥିଲେ । ଜିପିଇଓ ଦିବ୍ୟକାନ୍ତି ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ବ୍ଲକ ହିସାବ ରକ୍ଷକ ନବକିଶୋର ସାହୁ ଧନ୍ୟବାଦ ଦେଇଥିଲେ ।

### ସତୀତ୍ୱ ରକ୍ଷା ପାଇଁ ଜୀବନ ହାରିଥିଲେ ଟୁସୁମଣୀ

## ଟୁସୁ ପ୍ରଥାକୁ ବଜାୟ ରଖିଛନ୍ତି କୁଡୁମୀ ସଂପ୍ରଦାୟର ମହିଳା



କେନ୍ଦୁଝର(ପିଏନ): ଟୁସୁମଣୀ କୁଡୁମୀ ସଂପ୍ରଦାୟର ଜଣେ ସୁନ୍ଦରୀ ଥିଲେ । ମୋଗଲ ଶାସନ ସମୟରେ ଜଣେ ରାଜା ଟୁସୁମଣୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏ ନେଇ ଟୁସୁମଣୀ ବିବାହ କରିବାକୁ ରାଜି ହୋଇନଥିଲେ । ପରେ ରାଜା ଯୁଦ୍ଧ କରିଥିଲେ ହେଲେ ତାଙ୍କ ପାଖରେ ପରାସ୍ତ ହୋଇଥିଲେ । ଦିନେ ଟୁସୁମଣୀକୁ ରାଜା ଏକୁଟିଆ ଦେଖି ତା'ର ସତୀତ୍ୱ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ । ଟୁସୁରାଣୀ କୌଣସି ଉପାୟନ ନ ପାଇ ସତୀତ୍ୱକୁ ବଂଚାଇବାକୁ ଯାଇ ନଦୀଗର୍ଭକୁ ଝାସ ମାରି ଜୀବନ ହାରି ଦେଇଥିଲେ । ଏହି ପ୍ରଥା ଆଧାରରେ ଓଡିଶାର କୁଡୁମୀ ସଂପ୍ରଦାୟର ମହିଳାମାନେ ଟୁସୁପର୍ବ ପାଳନ କରୁଛନ୍ତି । ସେହି ସମୟ ମକର ସଂକ୍ରାନ୍ତି ଥିବାରୁ ପ୍ରତ୍ୟେକ ଝିଅ ବୋହୂ, ମହିଳାମାନେ ଏହି ଟୁସୁପର୍ବକୁ ବଞ୍ଚାଇ ରଖିଛନ୍ତି । କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଂଚାୟତ ଆମୁଣିପୁର ଗ୍ରାମରେ ଏହି ପରମ୍ପରା ପୌଷ ମାସରେ ମୁଖିଆବୁକା ମହାନ୍ତ, ମଙ୍ଗଲଲାଲ ମହାନ୍ତଙ୍କ ଘରେ ଟୁସୁ ମୂର୍ତ୍ତି ଆଣି ରଖିଥାନ୍ତି । ପ୍ରତ୍ୟେକ ଦିନ ଝିଅ ବୋହୂମାନେ ମିଶି ନାଚଗୀତ କରି ମୁଣ୍ଡରେ ମୂର୍ତ୍ତି ବୋହୀ ସାହିକୁ ସାହି ବୁଲି ପୁଣି ଗାଁ ମୁଖିଆଙ୍କ ଘରେ ଟୁସୁ ମୂର୍ତ୍ତି ରଖିଥାନ୍ତି । ସନ୍ଧ୍ୟାରେ ଧୂପ ଦୀପ ଜାଳି ପୂଜାର୍ଚ୍ଚନା କରନ୍ତି । ଏହି ଟୁସୁପର୍ବ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । କୁଡୁମୀ ସଂପ୍ରାଦୟର ମହିଳା ମାନଙ୍କ କହିବା ଅନୁଯାୟୀ ସେ ଏକ ଦେବୀ ନୁହଁନ୍ତି କୁଡୁମୀ ନାରୀଙ୍କ ସତୀତ୍ୱ ରକ୍ଷା କରିବା ପାଇଁ ସେ ଗାଁ ଗାଁ ବୁଲିଥାନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମରେ ବିନୋଦିନୀ ମହାନ୍ତ, ଭାନୁମତୀ ମହାନ୍ତ, ସାଇବାଣୀ ମହାନ୍ତ, ଚମ୍ପାବତୀ ମହାନ୍ତ, ସୁକୁମତୀ ମହାନ୍ତ, ବିଳାସ ମହାନ୍ତ, ନିରାଦ ମହାନ୍ତ, ମାଳତୀ ମହାନ୍ତ, ମଙ୍ଗୁଳି ମୁଣ୍ଡା, ଲଳିତା ମହାନ୍ତ, ସୁନି ମୁଣ୍ଡା, ବିଣାପାଣୀ ମହାନ୍ତ ପ୍ରମୁଖ ସାମିଲ ହୋଇ ଧୁମ୍‌ଧାମ୍‌ରେ ଏହି ଟୁସୁପର୍ବ ପାଳନ କରୁଛନ୍ତି ।

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ



କେନ୍ଦୁଝର (ପିଏନ) : ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ୧୦/୧ ରିଖ ଓ ୧୧/୧ରିଖ ୨ଦିନ ଧରି ପାଳିତ ହୋଇଯାଇଛି । ୧୦/୧ରିଖ ଜୟନ୍ତୀ ସମାରୋହ ର ଉଦଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଦୁଃଶାସନ ସିଂ, ସ୍ୱାମ ପାଟନା ମହାବିଦ୍ୟାଳୟର ଇଂରାଜୀ ପ୍ରଧ୍ୟାପକ ଅଶ୍ୱନୀ ସାହୁ ଅତିଥି ଭାବେ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ହରିଶ୍ଚନ୍ଦ୍ର ବାରିକ (ଅବସର ପ୍ରାପ୍ତ ପ୍ରଧ୍ୟାପକ, ଆନନ୍ଦପୁର ମହାବିଦ୍ୟାଳୟ) । ସେହିପରି ୧୧/୧ରିଖ ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ ପ୍ରେମାନନ୍ଦ ନାଏକ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ, ଓଡିଶା ସରକାର), ଚନ୍ଦ୍ରାଣୀ ମୁର୍ମୁ (ସାଂସଦ, କେନ୍ଦୁଝର ଲୋକସଭା), ମୋହନ ଚରଣ ମାଝୀ (ସଦର ବିଧାୟକ, କେନ୍ଦୁଝର), ୧୭ନଂ ଜିଲା ପରିଷଦ ସଦସ୍ୟ, ଅନୁବ୍ରତ ବେହେରା, ବିରଚିଂ ବାଗ ,ଆଇଆଇସି ଝୁମ୍ପୁରା, ବିଶିକେଶନ ଦାଶ, ଅଗ୍ନିଶମ ଅଧିକାରୀ ଝୁମ୍ପୁରା, ଅବସରପ୍ରାପ୍ତ ପ୍ରଫେସର, ଧରଣୀଧର ମହାବିଦ୍ୟାଳୟ କେନ୍ଦୁଝର, ବିମ୍ବାଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନର ଆବଶ୍ୟକତା ତଥା ଛାତ୍ରଛାତ୍ରୀଙ୍କର ଅନୁଶାସନ ପୂର୍ଣ୍ଣ ଜୀବନ ଶୈଳୀ ଜାଣିବାର ଜିଜ୍ଞାସୁ ମନୋଭାବ ସମ୍ବନ୍ଧରେ ଉପାଦେୟ ବକ୍ତବ୍ୟ ରଖିଥିଲେ । ୧୯୬୯ ମସିହାରୁ ଆରମ୍ଭ ହୋଇଥିବାଏହି ବିଦ୍ୟାଳୟ ଉତଥାନ ପତନ ମଧ୍ୟରେ ଗତିକରି ୫୦ବର୍ଷ ପୂର୍ତ୍ତି କରି ଜୟନ୍ତୀ ସମାରୋହ ପାଳିତ ହେଉଥିବା ସମ୍ବନ୍ଧରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ, ଛାତ୍ରଛତ୍ରୀ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ମହେନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମ ତଥା ୧୯୭୧ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ନେଇ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି କୁଞ୍ଜବିହାରୀ ପ୍ରଧାନ ସନ୍ତୋଷ ବ୍ୟକ୍ତ କରିଥିଲେ । ୨ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚୋରାକାଠ ବୋଝେଇ ଅଟୋ ସହିତ ଦୁଇ ଜଣ ଗିରଫ



କେନ୍ଦୁଝର(ପିଏନ)- ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍‌ସନ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ନିକଟରୁ ବୁଧବାର ରାତି ଚୌକାଠ ବୋଝେଇ ଏକ ତିନି ଚକିଆ ଡାଲା ଅଟୋ ସହିତ ଚାଳକ ଓ କାଠ ଚାଲାଣକାରୀ କୁ ଝୁମ୍ପୁରା ପୁଲିସ୍ ଗିରଫ କରି ବାଲିବନ୍ଧ ଫରେଷ୍ଟରଙ୍କୁ ଜିମା ଦେଇଥିଲେ । ଅଟୋ ଚାଳକ ଅଜୟ ନାଏକ (୨୩ବର୍ଷ) ଝୁମ୍ପୁରା ଅଚଂଳର ହୋଇଥିବା ବେଳେ ଚୋରା କାଠ ଚାଲାଣକାରୀ ମକରଧ୍ୱଜ ପ୍ରଧାନ (୪୯ବର୍ଷ) ନହବେଡା ଗ୍ରାମର ବୋଲି ପୁଲିସ୍ ସୂତ୍ରରୁ ପ୍ରକାଶ ।
ଖବରରୁ ପ୍ରକାଶ ଯେ ବୁଧବାର ରାତିରେ ଝୁମ୍ପୁରା ପୁଲିସ୍ ଝୁମ୍ପୁରା-ଉଖୁଣ୍ଡା ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଅଟୋ ନଂ- ଓଡି୦୯ବି ୦୪୧୭, ଉକ୍ତ ରାସ୍ତାଦେଇ ଦ୍ରୁତ ଗତିରେ ଯାଉଥିବା ଦେଖି ସନ୍ଦେହ କରି ପୁଲିସ୍ ପିଛା କରି ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ନିକଟରେ ଅଟକାଇଥିଲା । ଚାଳକ କୁ ପଚରାଉଚରା କରିବା ସହିତ ଯାଚଂ କରି ଦେଖିବାକୁ ପାଇଲେ ଯେ ଅଟୋ ଡାଲାରେ ୧୮ ଗୋଟି ଶାଳ ଚୌକାଠ ବୋଝେଇ ହୋଇଛି । ପୁଲିସ୍ ସଙ୍ଗେ ସଙ୍ଗେ ଅଟୋ ଚାଳକ ଓ ଚୋରା କାଠ ଚାଲାଣକାରୀ କୁ କାବୁ କରି ଥାନାରେ ଅଟକ ରଖି ବାଲିବନ୍ଧ ଫରେଷ୍ଟରଙ୍କୁ ଖବର ଦେଇଥିଲେ । ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ଏକ ଟିମ୍ ନେଇ ତୁରନ୍ତ ଝୁମ୍ପୁରା ଥାନାରେ ପହଁଚି ଘଟଣାର ଅନୁସନ୍ଧାନ କରିଥିଲେ । ଗୁରୁବାର ଦିନ ବାଲିବନ୍ଧ ଫରେଷ୍ଟର ଶ୍ରୀ ବାରିକ କେଶ୍ ନଂ- ୧୪୯/୨୦ ରୁଜ୍ଜୁ କରି କାଠ ବୋଝେଇ ଅଟୋକୁ ଜବତ କରିବା ସହିତ ଆସାମୀ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି । ଜବତ କାଠର ମୂଲ୍ୟ ୨୦ହଜାର ଟଙ୍କା ପାଖାପାଖି ହେବ ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।

# ସରକାରଙ୍କର ଶିଳ୍ପାୟନ ଏକ ସ୍ୱପ୍ନିଳ ଉଦ୍ୟମ

କେନ୍ଦୁଝର(ପିଏନ) : ନିଜର ଶାସନକାଳ ଭିତରେ ଯେତେଥର ସରକାର ତିଆରି କରୁଛନ୍ତି ସେତେଥର ବିଭିନ୍ନ ବାହାନା ଦେଖାଇ ବାହାରର ନୂଆ ନୂଆ କମ୍ପାନୀ ମାନଙ୍କୁ ଆମନ୍ତ୍ରଣ କରୁଥିବା ଓଡିଶା ସରକାର ଆଗରୁ ଚାଲୁଥିବା ବାଣିଜ୍ୟିକ ସଂସ୍ଥା ଗୁଡିକ ଯେ ବୁଡି ଗଲାଣି ସେ ବିଷୟରେ ପ୍ରାୟତଃ ଭୁଲି ଗଲେଣି । ବାରଙ୍ଗର କାଚ କାରଖାନା, କୋଣାର୍କ ଟେଲିଭିଜନ, ଓଟିଏମ୍, ଟେକ୍ସଟାଇଲ ମିଲ, କଳିଙ୍ଗ ଆଇରନ୍, ବରାରବନସ୍ପତି ତଥା ସମଗ୍ର ଏସିଆର ପ୍ରଥମ ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟ ଓଡିଶା ସ୍ପଞ୍ଜ ଆଇରନ୍ ଦୀର୍ଘଦିନରୁ ବନ୍ଦ ହୋଇ ପଡିଛି । ଓଡିଶା ସ୍ପଞ୍ଜ ଆଇରନ୍‌ର କର୍ମଚାରୀମାନେ ନିଜର ନ୍ୟାର୍ଯ୍ୟ ବକେୟା ପ୍ରାପ୍ୟ ପାଇବା ପାଇଁ କେନ୍ଦୁଝର ଲେବର ଅଫିସରଙ୍କ ଦ୍ୱାର ମୁହଁରେ ପାଖାପାଖି ୫/୬ ବର୍ଷ ଧରି ଧାରଣା ଦେଇଥିଲେ ବି ସେମାନଙ୍କର ଦାବି କାହାରି କାନରେ ପଡୁନାହିଁ । କଲେକ୍ଟର ପରେ କଲେକ୍ଟରଙ୍କର ବଦଳି ହୋଇ ଚାଲିଛି ଏବଂ ପୁରାତନ କଲେକ୍ଟରଙ୍କ ଜାଗାରେ ଜଣେ ନୂଆ କଲେକ୍ଟର ଦାୟୀତ୍ୱ ଗ୍ରହଣ କରିଛନ୍ତି । ସମୟ ଆସିଲେ ତାଙ୍କର ମଧ୍ୟ ବଦଳି ହୋଇଯିବାରୁ ସେ ମଧ୍ୟ ପଳଉଛନ୍ତି । ମାତ୍ର ଦୀର୍ଘଦିନ ଧରି ଅନଶନରେ ବସିଥିବା (ଯେଉଁ ମାନଙ୍କ ମଧ୍ୟରୁ ବହୁ ଲୋକ ମୃତ୍ୟୁବରଣ କରିସାରିଲେଣି) ଏହି କର୍ମଚାରୀ ମାନଙ୍କର ସମସ୍ୟାର କୌଣସି ସମାଧାନ ହୋଇପାରୁ ନାହିଁ । ଏ ତ ଗଲା ବନ୍ଦ ହୋଇ ଯାଇଥିବା କାରଖାନା ଗୁଡିକ ବିଷୟରେ । ବର୍ତ୍ତମାନ ଯଦି ସାରା ଭାରତରେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଥିବା ଶ୍ରମିକ ମାନଙ୍କର ଗଣନା କରାଯାଏ ତେବେ ଓଡିଶା ଭାରତରେ ଏକ ରେକର୍ଡକାରୀ ରାଜ୍ୟ ଭାବେ ପରିଗଣିତ ହେବ । ଓଡିଶାରୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଶିକ୍ଷିତ ଯୁବକ ଓ ଯୁବତୀ ସୁଦୂର ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ, କଲିକତା ପ୍ରଭୃତି ସ୍ଥାନ ମାନଙ୍କୁ ଯାଇ ଦାଦନ ଖଟୁଛନ୍ତି । ବିଗତ ୨ ମାସ ମଧ୍ୟରେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକର ବୃଦ୍ଧ ଜେଜେବାପା ଓ ଜେଜେମା' ନିଜ ନାତୀର ମୃତ ଶରୀର ବି ପାଇପାରିଲେ ନାହିଁ କିନ୍ତୁ ଏହିସବୁ ବିଷୟରେ ଅବଗତ ହୋଇ ମଧ୍ୟ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି ଓଡିଶାର ଯୁବ ଗୋଷ୍ଠୀ । ଏହାର କାରଣ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାଯାଏ କି ଉକ୍ତ ରାଜ୍ୟ ଗୁଡିକରେ ଶ୍ରମିକ ମାନଙ୍କୁ ଯେଉଁ ଦରମା ଦିଆଯାଏ ଆମ ଓଡିଶାରେ ଦିଆଯାଉଥିବା ଦରମା ତାହାର ଏକତୃତୀୟାଂଶ ସହ ସମାନ । ଦ୍ୱିତୀୟତଃ ଯେହେତୁ ଓଡିଶାରେ ସେହିପରି ବିକଶିତ ଭିତ୍ତିଭୂମି ନାହିଁ ତେଣୁ ଯୁବପୀଢ଼ିମାନେ ବାହାର ରାଜ୍ୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି । ବିଗତ ୨୦୧୯ ମସିହାରେ ଓଡିଶା ସରକାରଙ୍କ ତରଫରୁ ଓଡିଶା କନ୍‌କ୍ଲେଭ୍ ନାମକ ଏକ ମେଳାର ଆୟୋଜନ କରି ବାହାରର ପୁଞ୍ଜିପତି ମାନଙ୍କୁ ଓଡିଶାରେ ପୁଞ୍ଜି ବିନିଯୋଗ କରିବା ପାଇଁ ନିମନ୍ତ୍ରିତ କରାଯାଇଥିଲା । ସେଥିରେ ରାଜି ହୋଇ କିଛି ନାମୀଦାମୀ ବହୁ ରାଷ୍ଟ୍ରୀୟ କମ୍ପାନୀ ଓଡିଶାଭିମୂଖୀ ହୋଇଥିଲେ ମଧ୍ୟ ମାତ୍ର ତାହାର ସୁଫଳ କିଛି ମିଳିଲା ନାହିଁ । ଏଠାରେ ଏକ ପ୍ରଶ୍ନ ଉଠେ କି ବାହାରର ବହୁ ରାଷ୍ଟ୍ରୀୟ କମ୍ପାନୀ ବା ବିଜିନେସ୍ ଟାଇକାଣ୍ଟୁ ମାନଙ୍କୁ ଓଡିଶାକୁ ନିମନ୍ତ୍ରଣ କରି ଯେଉଁଭଳି ଭାବରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ଅଛି ଯଦି ତାର ଅର୍ଦ୍ଧେକ ବି କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ଉଦ୍ୟୋଗପତି ମାନଙ୍କୁ ଯୋଗାଇ ଦିଆଯାଇ ପାରୁଥାନ୍ତା ତେବେ ଓଡିଶା ବିଗତ ଦୁଇ ଦଶନ୍ଧି ମଧ୍ୟରେ ଶିଳ୍ପାୟନ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡି ପାରିଥାନ୍ତା । ଯେତେବେଳେ ଏହି ପୁଞ୍ଜିପତି ମାନଙ୍କୁ କୋଟି କୋଟି ଟଙ୍କାର ଋଣ ତଥା ବିଦ୍ୟୁତ୍ ଶୁଳ୍କ ଛାଡ କରି ଦିଆଯାଉଛି ଏବଂ ଯେପରି ଭାବରେ ଏମାନଙ୍କୁ ପ୍ରଶାସନିକ ସହଯୋଗ ପ୍ରଦାନ କରାଯାଉଛି ସ୍ଥାନୀୟ ଲଘୁ, କ୍ଷୁଦ୍ର, ମଧ୍ୟମ ତଥା ବୃହତ ଉଦ୍ୟୋଗପତି ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର କିନ୍ତୁ ଗହମ ଗୋଟିଗଣିତା ରୁଟି କିଏ ଖାଆନ୍ତା ନୀତି ଆପଣାଉଛନ୍ତି । ଏଠାରେ ସୂଚନାଯୋଗ୍ୟ କି ବାହାର ରାଜ୍ୟ ତଥା ବାହାର ଦେଶରୁ ଆସୁଥିବା ଏହି ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ରାଜ୍ୟର ଜଳ, ଜମି, ବିଦ୍ୟୁତ୍ ଶକ୍ତିର ପୂର୍ଣ୍ଣ ବ୍ୟବହାର କରି ନିଜର ଫାଇଦା ଉଠାଉଛନ୍ତି ସତ ନିଯୁକ୍ତି ଦେବା ବେଳକୁ ଜିଲ୍ଲା ତଥା ରାଜ୍ୟର ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ଚତୁର୍ଥ ଶ୍ରେଣୀ ଚାକିରୀ ଖଣ୍ଡିଏ ମିଳିବା ବି କଷ୍ଟକର ହୋଇଯାଉଛି ।
(ଅବଶିଷ୍ଟାଂଶ ପରବର୍ତ୍ତି ଭାଗରେ)




# ରାଜ୍ୟରେ ହ୍ରାସ ପାଉଛି ମଶାବାହିତ ରୋଗ



ବିଶ୍ୱବାସୀଙ୍କୁ ବିଭିନ୍ନ ରୋଗରୁ ମୁକ୍ତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନେକ ପଦକ୍ଷେପ ଗ୍ରହଣ କରୁଛି। ବିଭିନ୍ନ ସମୟରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସକୁ ବିଶ୍ୱ ସ୍ତରରେ ପାଳନ କରାଯିବା ସହ ଭୟାବହତା ଏବଂ ରୋଗର ସଚେତନତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ପ୍ରତିବର୍ଷ ଏପ୍ରିଲ ୨୫ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି। ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ୧୦୬ଟି ଦେଶରେ ସମୁଦାୟ ୩୩୦ କୋଟି ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ଅଛନ୍ତି ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ୨୦୧୨ ମସିହାରେ ମ୍ୟାଲେରିଆରେ ପୀଡ଼ିତ ହୋଇ ୬ଲକ୍ଷ ୨୭ ହଜାର ଲୋକଙ୍କର ମୃତ୍ୟୁ ହୋଇଥିବା କଥା ଏକ ଆକଳନରୁ ଜଣାଯାଏ। ଏମାନଙ୍କ ମଧ୍ୟରୁ ଆଫ୍ରିକୀୟ ଶିଶୁଙ୍କ ସଂଖ୍ୟା ସର୍ବାଧିକ। ପ୍ରଥମେ ଆଫ୍ରିକା ମହାଦେଶର ବିଭିନ୍ନ ଅଞ୍ଚଳରେ ଆଫ୍ରିକା ମ୍ୟାଲେରିଆ ଦିବସ ପାଳନ କରାଯାଉଥିଲା। ପରେ ପରେ ଏହି ଦିବସର ଗୁରୁତ୍ୱ ଓ ସଚେତନତା ବାର୍ତ୍ତା ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା। ବିଶ୍ୱ ସଂଗଠନ ଦ୍ୱାରା ପାଳିତ ହେଉଥିବା ସ୍ୱାସ୍ଥ୍ୟ ଦିବସଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ୨୦୦୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ବୈଠକରେ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ଘୋଷଣା କରାଯାଇଥିଲା। ମ୍ୟାଲେରିଆକୁ ଜାଣି ଏହାର ପ୍ରତିକାର ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଥିଲା। ଆଫ୍ରିକା ମ୍ୟାଲେରିଆ ଦିବସ ୨୦୦୧ ମସିହା ଏପ୍ରିଲ ୨୫ରେ ପାଳିତ ହୋଇଥିଲା। ଏଥିରେ ଆଫ୍ରିକାର ୪୪ଟି ମ୍ୟାଲେରିଆ ଆକ୍ରାନ୍ତ ରାଷ୍ଟ୍ର ସାମିଲ ହୋଇଥିଲା। ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ବିଭିନ୍ନ ସଚେତନତା ବାର୍ତ୍ତା, ପଦକ୍ଷେପମାନ ଗ୍ରହଣ କରାଯାଇଥାଏ। ୨୦୧୪ରେ ୟୁରୋପରେ ଏହାର ନିରାକରଣ ପାଇଁ ୧୬ଟି କାର୍ଯ୍ୟପନ୍ଥା ହାତକୁ ନିଆଯାଇଥିଲା। ଯାହାକି ଆଫ୍ରିକା, ଆମେରିକା ଏବଂ ୟୁରୋପର ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ପ୍ରଶଂସିତ ହୋଇପାରିଥିଲା। ନାଇଜେରିଆର ସ୍ୱାସ୍ଥ୍ୟମନ୍ତ୍ରୀ ୨୦୧୬ରେ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଶପଥ ନେଇଥିଲେ। ଠିକ୍ ସେହିପରି ୨୦୦୭ ଏପ୍ରିଲ ୨୫କୁ ଆମେରିକାର ରାଷ୍ଟ୍ରପତି ମ୍ୟାଲେରିଆ ସଚେତନତା ଦିବସ ଭାବେ ପାଳନ କରିଥିଲେ। ରାଜ୍ୟରେ ଚିକୁନଗୁନିଆ ରୋଗ ଲୋପ ପାଇଛି। ଗତବର୍ଷ ଗୁଡ଼ିକ ତୁଳନାରେ ୨୦୧୭ରେ ରାଜ୍ୟରେ ଜଣେ ହେଲେ ବି ରୋଗରେ ଆକ୍ରାନ୍ତ ହୋଇ ନଥିବା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତାର ୨୦୧୭-୧୮ ବାର୍ଷିକ କାର୍ଯ୍ୟ ବିବରଣୀ ରିପୋର୍ଟରେ ପ୍ରକାଶ କରିଛି। ଅନ୍ୟପଟେ ରାଜ୍ୟରେ ମଶା କାମୁଡ଼ାରୁ ବ୍ୟାପୁଥିବା ରୋଗ କମିଛି। ମ୍ୟାଲେରିଆ ଓ ଡେଙ୍ଗୁରୋଗରେ ମୃତ୍ୟୁ ଛାଡ଼ି ଦେଲେ ମଶା ଦ୍ୱାରା ବ୍ୟାପୁଥିବା ଅନ୍ୟ ରୋଗରେ ରାଜ୍ୟରୁ ଜଣେ ହେଲେ ବି ରୋଗୀର ମୃତ୍ୟୁ ହୋଇନାହିଁ ବୋଲି ନିର୍ଦ୍ଦେଶାଳୟ ରିପୋର୍ଟରେ ପ୍ରକାଶ କରିଛି। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ୬ରୋଗ ରହିଛି। ଏହି ରୋଗ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ରୋଗ ଗୁଡ଼ିକ ହେଲା, ମ୍ୟାଲେରିଆ, ଫାଇଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଏବଂ କଳା ଜ୍ୱର। ରାଜ୍ୟରେ କଳା ଜ୍ୱର ବ୍ୟତୀତ ଅନ୍ୟ ପାଞ୍ଚ ରୋଗର ପ୍ରାଦୁର୍ଭାବ ଦେଖାଯାଇଥାଏ। ଏହି ରୋଗଗୁଡ଼ିକର ପ୍ରତିରୋଧ, ନିୟନ୍ତ୍ରଣ ପାଇଁ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟ କରୁଛି। ମ୍ୟାଲେରିଆ ରାଜ୍ୟର ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା। ରାଜ୍ୟରେ ମ୍ୟାଲେରିଆ ୮୫% କମିଥିବା କୁହାଯାଉଥିଲେ ମଧ୍ୟ ୨୦୧୨-୨୦୧୩ ତୁଳନାରେ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଦେଖିଲେ ଏହା ଅନୁମାନ କରାଯଶଇ ପାରୁଛି। ଚିକନଗୁନିଆ ରୋଗୀଙ୍କ ସଂଖ୍ୟା ୨୦୧୨ରେ ୧୨୯ ଥିବାବେଳେ ୨୦୧୩ରେ ୩୫, ୨୦୧୪ରେ ୧୦ ଓ ୨୦୧୫ରେ ୪୬, ୨୦୧୬ରେ ୧୫ ଓ ୨୦୧୭ରେ ଜଣେ ହେଲେ ରୋଗରେ ଆକ୍ରାନ୍ତ ହୋଇନାହାନ୍ତି। ଜାପାନିଜ୍ ଏନ୍‌ସେଫାଲାଇଟିସ ୨୦୧୭ରେ ରୋଗୀ ୭୯ ଥିବାବେଳେ ଜଣେ ହେଲେ ମୃତ୍ୟୁବରଣ କରିନଥିଲେ। ୨୦୧୬ରେ ୨୪୨ ରୋଗାକ୍ରାନ୍ତ ହୋଇଥିବା ବେଳେ ୩୯ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୫ରେ ରୋଗୀ ୩୨ ମୃତ୍ୟୁ ୨। ୨୦୧୩ରେ ରୋଗୀ ୧। ୨୦୧୧ରେ ରୋଗୀ ୧୫ ମୃତ୍ୟୁ ୧। ଅନ୍ୟପଟେ ମାଇକ୍ରୋଫାଇଲେରିଆର ଅନୁପାତ ରାଜ୍ୟରେ କମି ଚାଲିଛି। ୨୦୧୭ରେ .୧୪% ଥିବାବେଳେ ୨୦୧୬ରେ .୭୧%, ୨୦୧୫ରେ .୬୮%, ୨୦୧୪ରେ .୮୨%, ୨୦୧୩ରେ .୩୪% ଓ ୨୦୧୨ରେ .୪୩% ଥିଲା ବୋଲି ବିବରଣୀରେ ପ୍ରକାଶ ପାଇଛି। ସେହିପରି ୨୦୧୨ ମସିହାରେ ୨୬୨୮୪୨ ରୋଗୀଙ୍କ ମଧ୍ୟରୁ ୭୯ରୋଗୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୩ ମସିହାରେ ୨୨୮୮୫୮ ରୋଗୀଙ୍କ ମଧ୍ୟରୁ ୬୭ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୪ ମସିହାରେ ୩୯୫୦୦୪ ରୋଗୀଙ୍କ ମଧ୍ୟରୁ ୮୯ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୪୩୬୭୯୨ ରୋଗୀଙ୍କ ମଧ୍ୟରୁ ୮୦ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪୪୯୬୯୭ ଜଣଙ୍କ ରୋଗୀଙ୍କ ମଧ୍ୟରୁ ୭୭ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ ମସିହାରେ ୩୫୨୧୪୦ ରୋଗୀଙ୍କ ମଧ୍ୟରୁ ୨୪ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବା ସଂଖ୍ୟା ୨୦୧୨ ମସିହାରେ ୨୨୫୫ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ବରଣ କରିଥିବାବେଳେ ୨୦୧୩ ମସିହାରେ ୭୧୩୨ ଜଣ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ହୋଇଥିଲେ। ୨୦୧୪ ମସିହାରେ ୬୪୩୩ ଜଣ ରୋଗୀଙ୍କ ମଧ୍ୟରୁ ୯ଜଣ ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୨୪୪୭ଜଣ ରୋଗୀଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ ମସିହାରେ ୮୩୮୦ ରୋଗୀ ମଧ୍ୟରୁ ୧୧ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୧୭ ମସିହାରେ ୪୧୪୮ ରୋଗୀଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିଲା। ମ୍ୟାଲେରିଆ ହେଉଛି ଏକ ସଂକ୍ରାମକ ରୋଗ। ମାଇ ଏନୋଫେଲିସ୍ ମଶା ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏହାର ବାହକ ହେଉଛି ରକ୍ତ। ରକ୍ତ ଦ୍ୱାରା ଏହା ଜଣେ ବ୍ୟକ୍ତି ଠାରୁ ଅନ୍ୟ ବ୍ୟକ୍ତି ଶରୀରରେ ପ୍ରବେଶ କରିଥାଏ। ଏହି ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ରୋଗର ଲକ୍ଷଣମାନ ଦେଖାଦିଏ। ରାତି ୯ଟାରୁ ସକାଳ ୫ଟା ଭିତରେ ସାଧାରଣତଃ ଏହି ମଶା କାମୁଡ଼ିଥାଏ। ମଶାର ଲାଳ ବ୍ୟକ୍ତି ରକ୍ତ ସଂସ୍ପର୍ଶରେ ଆସି ମ୍ୟାଲେରିଆ ରୋଗ ସୃଷ୍ଟି କରିଥାଏ। ଏଥିପାଇଁ କୌଣସି ଟୀକାକରଣର ବ୍ୟବସ୍ଥା ହୋଇପାରିନାହିଁ। ମ୍ୟାଲେରିଆରେ ଆକ୍ରାନ୍ତ ହେଲେ ବ୍ୟକ୍ତି ଦଶଦିନରୁ ଆରମ୍ଭ କରି ୪ ସପ୍ତାହ ପର୍ଯ୍ୟନ୍ତ ଅସୁସ୍ଥ ହୋଇପଡ଼େ। ମାତ୍ର ମଶା କାମୁଡ଼ିବାର ୭ ଦିନ ଭିତରେ ହିଁ ରୋଗୀ ନିଜକୁ ଅସୁସ୍ଥ ଅନୁଭବ କରିଥାଏ। ଜ୍ୱର, ମୁଣ୍ଡବିନ୍ଧା ଏବଂ ବାନ୍ତି ହେବା ଭଳି ଲକ୍ଷଣମାନ ଦେଖାଦେବ। ମ୍ୟାଲେରିଆରେ ବ୍ୟକ୍ତି ଆକ୍ରାନ୍ତ ହେଲେ ଆନିମିଆ ରୋଗ ହେବାର ଆଶଙ୍କା ଥାଏ। ଯାହାକି ପରବର୍ତ୍ତୀ ସମୟରେ ମସ୍ତିଷ୍କରେ ରକ୍ତଜମାଟ ବାନ୍ଧିଦିଏ। ସେରେବ୍ରାଲ ମ୍ୟାଲେରିଆ ହେଲେ କୋମା, ଆଜୀବନ ଅକ୍ଷମ କିମ୍ବା ମୃତ୍ୟୁଭଳି ବିପତ୍ତିକୁ ଡାକିଆଣେ। ମ୍ୟାଲେରିଆରୁ ରୋଗୀକୁ ରକ୍ଷା କରିବା ପାଇଁ ପ୍ରଥମେ ପ୍ରାଥମିକ ଚିକିତ୍ସା ଓ ସେବା କରିବା ଗୁରୁତ୍ୱପୂର୍ଣ୍ଣ। ଶୋଇବା ସମୟରେ ମଶାରୀ ଟାଣି ଶୋଇବା ଆବଶ୍ୟକ। ଘର ଚାରିପାଖ ସଫାସୁତୁରା ରଖିବା ଦରକାର, ଯେପରି ମଶା ବଂଶ ବୃଦ୍ଧି ନହୋଇପାରେ। ମ୍ୟାଲେରିଆରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ସହ ଦୂଷିତ ପରିବେଶ ଠାରୁ ଯଥେଷ୍ଟ ଦୂରତା ରଖନ୍ତୁ। ମ୍ୟାଲେରିଆର କୌଣସି ବି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ସରୋଜିନୀ ନାଇଡୁ



ସରୋଜିନୀ ନାଇଡୁ ଜଣେ ପ୍ରସିଦ୍ଧ କବି, ନାରୀନେତ୍ରୀ, ବାଗ୍ମୀ ଭାବେ ପରିଚିତା। ଦେଶର ପ୍ରଥମ ମହିଳା ରାଜ୍ୟପାଳ ଓ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ଥିଲେ। ତାଙ୍କୁ ଭାରତର କୋଇଲି କୁହାଯାଏ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ସହଯୋଗୀ ଭାବେ ସରୋଜିନୀଙ୍କ ଭୂମିକା ଉଲ୍ଲେଖଯୋଗ୍ୟ। ଜଣେ ଇଂରାଜୀ କବି ଭାବେ ଭାରତୀୟ ସାହିତ୍ୟ ଇତିହାସରେ ତାଙ୍କ ସ୍ଥାନ ବେଶ ଗୁରୁତ୍ୱପୂର୍ଣ୍ଣ। ୧୩ ବର୍ଷ ବୟସରେ ପ୍ରାୟ ୬ଦିନ ମଧ୍ୟରେ ସେ ୧୩ଶହ ପଦରେ ଲେଡ଼ି ଅଫ୍ ଦି ଲେଖ୍ ନାମକ ଦୀର୍ଘ କବିତା ରଚନା କରିଥିଲେ। ଉଚ୍ଚଶିକ୍ଷା ଲାଗି ୧୬ ବର୍ଷ ବୟସରେ ସେ ବିଲାତ ଯାତ୍ରା କରିଥିଲେ। ପରବର୍ତ୍ତୀ ତିନି ବର୍ଷ ସେ ଲଣ୍ଡନ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଭାରତର ଫେରି ଗୋବିନ୍ଦରାଜୁଙ୍କୁ ବିବାହ କରିବା ପରେ ଚଟ୍ଟୋପାଧ୍ୟାୟରୁ ସରୋଜିନୀ ନାଇଡୁ ହୋଇଥିଲେ। ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ବଙ୍ଗଳା ଆଦି ଭାଷାରେ ସେ ଦକ୍ଷତା ହାସଲ କରିଥିଲେ। ଇଂରେଜ କବଳରୁ ଦେଶକୁ ମୁକ୍ତ କରିବାକୁ ହେଲେ ଯୁବଶକ୍ତିର ଆବଶ୍ୟକତା ସେ ଅନୁଭବ କରିଥିଲେ। ସେଥିପାଇଁ ଯୁବଶକ୍ତିକୁ ଜାଗ୍ରତ କରିବା ସହ ମହିଳା ସଶକ୍ତୀକରଣ ଉପରେ ଜୋର ଦେଇଥିଲେ। ଜବାହାରଲାଲ ନେହରୁଙ୍କ ସଂସ୍ପର୍ଶରେ ଆସିବା ପରେ ଚମ୍ପାରନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୧୯ରେ ସେ ହୋମ୍‌ରୁଲ ଲିଗର ଇଂଲଣ୍ଡ ଦୂତ ଭାବେ ଅବସ୍ଥାପିତ ହେଲେ। ଭାରତ ଫେରିବା ପରେ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ବନ୍ଦୀ ଜୀବନ ବିତାଇଥିଲେ। ତାଙ୍କ ଇଂରାଜୀ କବିତା ମଧ୍ୟ ଦି କୁଇନସ୍ ରାଇଭାଲ, ନାଇଟ ଫଲ ଇନ୍ ଦି ସିଟି ଅଫ ହାଇଦ୍ରାବାଦ, ଟୁ ଇଣ୍ଡିଆ ଆଦି ଗୁରୁତ୍ୱପୂର୍ଣ୍ଣ। ୧୮୭୯ ଫେବୃଆରୀ ୧୩ ତାରିଖ ଦିନ ହାଇଦ୍ରାବାଦରେ ଜନ୍ମଗ୍ରହଣ କରିଥିଲେ ସରୋଜିନୀ ନାଇଡୁ।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ: ୯୯୩୭୧୭୨୮୧୦**

# ଜୈବିକ ଚାଷ-ଚାଷୀଙ୍କ ମୁହଁରେ ଫୁଟାଏ ହସ



ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଋତୁକାଳୀନ କିମ୍ବା ସବୁଦିନିଆ ଫସଲ ଚାଷ ଉପରେ ନିର୍ଭର କରନ୍ତି ଅନେକ ଚାଷୀ ପରିବାର। ପାରମ୍ପରିକ ପଦ୍ଧତିରେ ଚାଷ କରି ଚାଷୀ ସେତେଟା ରୋଜଗାର ପାଉନଥିବା ବେଳେ ନୂତନ ଜ୍ଞାନ କୌଶଳକୁ ଆପଣାଇବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ମାଟି ପରୀକ୍ଷା ହେଉ ଅବା ଆଧୁନିକ ଯନ୍ତ୍ରପାତିର ଉପଯୋଗ, ଚାଷୀଙ୍କ ପାଇଁ ସବୁକିଛି ସୁବିଧାରେ ଉପଲବ୍ଧ କରାଇ ଅଧିକ ଲାଭ ପହଁଚାଇବା ଦିଗରେ ଓଡ଼ିଶା ଜୀବିକା ମିଶନ ସଂକଳ୍ପବଦ୍ଧ। ଅଧିକ ଅମଳ ଆଶାରେ ଚାଷୀମାନେ ରାସାୟନିକ ସାରର ଉପଯୋଗ ବହୁଳ ମାତ୍ରାରେ କରୁଛନ୍ତି। ରାସାୟନିକ ସାରର ଅଧିକ ବ୍ୟବହାର ଯୋଗୁଁ ମାଟିର ଉର୍ବରତା ଧିରେ ଧିରେ ହ୍ରାସ ପାଇବା ସହ ସେଥିରୁ ଉତ୍ପାଦିତ ଫସଲ ଆମ ଶରୀର ପାଇଁ କ୍ଷତିକାରକ ମଧ୍ୟ ହେଉଛି। ବିଭିନ୍ନ ରୋଗର ମୂଳ କାରଣ ଏହି ରାସାୟନିକ ସାର ହେଉଥିବାରୁ ଅନେକେ ଏଥିପାଇଁ ସଚେତନ ହେଲେଣି। ଏହି ସମସ୍ୟାର ସମାଧାନ ପାଇଁ ଏବେ ଚାଷୀମାନଙ୍କୁ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର ଲାଗି ପ୍ରୋତ୍ସାହିତ କରାଯାଉଛି। ଜୈବିକ କୃଷି ଦ୍ୱାରା ପ୍ରକୃତି, ପରିବେଶ ଓ ପ୍ରାଣୀ ସମ୍ପଦ ସୁସ୍ଥ ରହିବା ସହ ଅଳ୍ପ ଖର୍ଚ୍ଚ କରି ଚାଷୀଙ୍କୁ ଅଧିକ ଲାଭ ମିଳିପାରିବ। ଜୈବିକ କୃଷି ପଦ୍ଧତିରେ ଉଦ୍ୟାନଭିତ୍ତିକ ଫସଲ, ପନିପରିବା, ଧାନ, ତୈଳବୀଜ, ମାଣ୍ଡିଆ, ଡାଲିଜାତୀୟ ଫସଲ ଚାଷ କରାଯାଉଥିବା ବେଳେ ପଶୁପାଳନ ଓ ମାଛଚାଷକୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯାଇ ଚାଷ କରିବାର ଯୋଜନା ରଖାଯାଇଛି।

'ଉତ୍ତମ କୃଷି ଅଭ୍ୟାସ' ଜୈବିକ କୃଷିର ଏକ ଅନ୍ୟତମ ଅଂଶ। ପ୍ରାରମ୍ଭିକ ଅବସ୍ଥାରୁ ନିୟମିତ ତିନିବର୍ଷ ଯାଏଁ ଏହି ଅଭ୍ୟାସକୁ ତ୍ୱରାନ୍ୱିତ କରିବାକୁ ହୋଇଥାଏ। ଏଥିପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଭାଗୀଦାରିତାରେ ପ୍ରମାଣୀକରଣ ପଦ୍ଧତି (ପିଜିଏସ୍) ଆପଣାଇ ରାଜ୍ୟସ୍ତରରେ ଜୈବିକ କୃଷିର ପ୍ରଚାର ପ୍ରସାର ନିମନ୍ତେ ଆଂଚଳିକ ପରିଷଦ ଓ ଜୈବିକ ପ୍ରକୋଷ୍ଠ ରାଜ୍ୟ ପରିଚାଳନା କକ୍ଷରେ ଅବସ୍ଥାପିତ କରାଯାଇଛି। ଜୈବିକ କୃଷି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ସକାଶେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୭ଟି ଜିଲ୍ଲା ଅନ୍ତର୍ଗତ ୫୪ଟି ବ୍ଲକରେ ୧୦୦ଟି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ଯୋଜନା ରହିଥିବା ବେଳେ ଏଯାବତ୍ ୪୮ଟି ବ୍ଲକ ଅନ୍ତର୍ଗତ ୮୨ଟି କ୍ଲଷ୍ଟରରେ କାମ ଆରମ୍ଭ ହୋଇସାରିଛି। ୫୦ ଏକର ଚାଷ ଜମିରେ ଗୋଟିଏ ଲେଖାଏଁ କ୍ଲଷ୍ଟର ପ୍ରତିଷ୍ଠା ହେବା ସହ ୮୦୦ ଏକର ଜମିରେ ଜୈବିକ ପଦ୍ଧତିରେ ଚାଷ କରାଯିବ। ଚଳିତ ବର୍ଷ ଶେଷସୁଦ୍ଧା ଏଥିରେ ପ୍ରାୟ ୨୦୦୦ ଚାଷୀ ଅନ୍ତର୍ଭୁକ୍ତ ହୋଇ ଜୈବିକ ପଦ୍ଧତିରେ ଚାଷ କରିବେ ଓ ୧୦ ହଜାର ବ୍ୟକ୍ତି ବିଶେଷ ଏଥିରୁ ଉପକୃତ ହୋଇପାରିବେ। ଜୈବିକ ପଦ୍ଧତିକୁ ଚାଷୀଙ୍କ ନିକଟତର କରିବାକୁ ହେଲେ ସହଭାଗୀତା, ଉତ୍ତମ କୃଷି ଅଭ୍ୟାସ, ପ୍ରାକୃତିକ ସମ୍ପଦର ବିନିଯୋଗ, ନିୟମିତ ତାଲିମ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଏବଂ ପ୍ରମାଣନର ନିତ୍ୟାନ୍ତ ଜରୁରୀ। ଏଥିପାଇଁ କୃଷି ବୈଜ୍ଞାନିକ, ବିଷୟବସ୍ତୁ ବିଶାରଦ, ଜୈବିକ କୃଷି ଅଧିକାରୀଙ୍କ ସହଯୋଗ ଏବଂ ତୃଣମୂଳସ୍ତରରେ କୃଷି ମିତ୍ର, ମୁଖ୍ୟ କ୍ଲଷ୍ଟର ରିସୋର୍ସ ପର୍ସନ୍ (ଏମ୍-ସିଆରପି)ଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସେମାନେ ଚାଷୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଜୈବିକ ଚାଷ ପ୍ରତି ଆଗ୍ରହ ସୃଷ୍ଟି ଓ ସଚେତନ କରି ଜୈବିକ ପଦ୍ଧତିରେ ଚାଷ ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ଜୈବିକ ଚାଷ କରିବାକୁ ହେଲେ ଉପଯୁକ୍ତ ଜମି ଚୟନକୁ ଗୁରୁତ୍ୱ ଦେବା ନିତ୍ୟାନ୍ତ ଜରୁରୀ। ସଠିକ୍ ଜମି ଚୟନ କରାନଗଲେ ଏହି ଚାଷ କରାଯାଇପାରିବ ନାହିଁ। ସାଧାରଣତଃ ବନ୍ୟାଜଳ ପ୍ରବେଶ କରୁଥିବା ଚାଷ ଜମିରେ ଜୈବିକ କ୍ଲଷ୍ଟର କରିବା ଅନୁଚିତ୍। ଜୈବିକ ପ୍ରଣାଳୀରେ ଚାଷ ପାଇଁ ବୁନ୍ଦା ଜଳସେଚନ, ବୋରୱେଲ୍ କିମ୍ବା ପୋଖରୀରୁ ପମ୍ପ ମାଧ୍ୟମରେ ଜମିରେ ପାଣି ମଡ଼ାଇବା ଆବଶ୍ୟକ। ଏହାଛଡ଼ା ଜୈବିକ ପଦ୍ଧତିରେ ବିହନ ଉତ୍ପାଦନ କରିବା ମଧ୍ୟ ଜରୁରୀ। ଏହି ଚାଷ ପାଇଁ ଜୈବିକ ଖତ ଓ ସାରର ଆବଶ୍ୟକତା ପଡୁଥିବା ବେଳେ ଚାଷୀମାନେ ଘରେଘରେ ଏହାକୁ ଉତ୍ପାଦନ କରିପାରିବେ। ଚାଷୀମାନେ ଜିଆଖତ, ନାଡେପ୍ ଆଦି ଖତ ଉତ୍ପାଦନ ଓ ବ୍ୟବହାର କରିବା ଉଚିତ୍। ବିଶେଷଜ୍ଞଙ୍କ ଦ୍ୱାରା ପ୍ରଥମ ବର୍ଷର ତାଲିମ ପାଇବା ପରେ ଚାଷୀଙ୍କୁ ସବୁଜ ପ୍ରମାଣପତ୍ର ଦିଆଯାଇଥାଏ। ଜୈବିକ ଚାଷ ପଦ୍ଧତିରେ ଦକ୍ଷତା ହାସଲ କରିବାର ତିନିବର୍ଷ ପରେ ସେହି ଚାଷୀଙ୍କୁ ନୀଳ ପ୍ରମାଣପତ୍ର ଯୋଗାଇ ଦିଆଯାଇଥାଏ। ଯାହାକୁ 'ଜୈବିକ କୃଷି ପ୍ରମାଣପତ୍ର' କୁହାଯାଏ। ଏହି ପ୍ରମାଣପତ୍ର ପାଖରେ ଥିଲେ ଚାଷୀଙ୍କୁ ନିଜ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳିଥାଏ। ଜୈବିକ ପ୍ରଣାଳୀରେ ଚାଷ କଲେ ମାଟିର ଉର୍ବରତା ବଜାୟ ରହିବା ସହ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ହ୍ରାସ ପାଉଛି। ଜୈବିକ ସାର ବ୍ୟବହାରରୁ ଉତ୍ପାଦିତ ଫସଲ ଶରୀର ପାଇଁ ହିତକାରକ ହେଉଥିବା ବେଳେ ଏହାର ବଜାର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଫସଲର ଦାମ ଅଧିକ ଥିବା ଯୋଗୁଁ ଚାଷୀଙ୍କୁ ଏଥିରୁ ଅଧିକ ଲାଭ ମଧ୍ୟ ମିଳିପାରୁଛି। ଦେଶ ବିଦେଶରେ ଜୈବିକ ଚାଷକୁ ଆପଣାଇ ଚାଷୀଙ୍କୁ ଅଧିକ ଲାଭ ମିଳୁଥିବା ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଏହି ଚାଷ ପ୍ରତି ଅନେକେ ମନ ବଳାଇଲେଣି। ଜୈବିକ କୃଷି ମାଧ୍ୟମରେ ଚାଷୀଙ୍କୁ ଉଚିତ୍ ପାରିଶ୍ରମିକ ଯୋଗାଇବା ଏବଂ ସୁସ୍ଥ ଓ ବିଶୁଦ୍ଧ ଖାଦ୍ୟ ସମସ୍ତଙ୍କ ପାଖରେ ପହଁଚାଇବା ସକାଶେ ଓଡ଼ିଶା ଜୀବିକା ମିଶନର ଏହି ପ୍ରୟାସ ପ୍ରଶଂସନୀୟ ନିଶ୍ଚୟ।

## ଦୁଇମାସ ପରେ ମଧ୍ୟ କାର୍ଯ୍ୟକ୍ଷମ ହେଲାନି ଢେଙ୍କିକୋଟ ଉପ-ଡାକଘର

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାର ଅନ୍ୟତମ ବ୍ୟସ୍ତବହୁଳ ବଜାର ଢେଙ୍କିକୋଟ । ଏଠାରୁ ବିଭିନ୍ନ ଅଂଚଳକୁ ଯୋଗାଯୋଗର ମାଧ୍ୟମ ଥିବାରୁ ଦୈନିକ ହଜାର ହଜାର ଲୋକଙ୍କ ଆତଯାତ ହୋଇଥାଏ । ଏଠାରେ ବିଭିନ୍ନ ଲୋକ ଡାକସେବା ଉପରେ ନିର୍ଭର ମଧ୍ୟ କରିଥାନ୍ତି । ବ୍ୟାଙ୍କ୍ ସେବା ମଧ୍ୟ ଢେଙ୍କିକୋଟ ଉପଡାକଘରୁ ମିଳିଥାଏ । ରେଜେଷ୍ଟ୍ରି ଚିଠି, ମନିଅର୍ଡରଠାରୁ ଆରମ୍ଭ କରି ଦୈନିକ ଟଙ୍କା ନେଣଦେଣ ମଧ୍ୟ ଏହି ଉପଡାକଘରୁ ମିଳିଥାଏ । ଏହା ଅଧିନରେ ୧୩ଟି ଗ୍ରାମାଂଚଳ ଡାକଘର ମଧ୍ୟ ରହିଛି । ସେସବୁ ମଧ୍ୟ ଦୁଇମାସ ହେବ ଅଚଳ । ବ୍ରଡବ୍ୟାଣ୍ଡ ସେବା ବିଏସ୍ଏନ୍ଏଲ ବନ୍ଦ କରି ଦେବାରୁ ଢେଙ୍କିକୋଟ ଉପଡାକଘରର ଏଭଳି ଅବସ୍ଥା । ଏ ସମ୍ପର୍କରେ ଉପଡାକଘରର ସବ୍ ପୋଷ୍ଟମାଷ୍ଟର କେନ୍ଦୁଝର ମୁଖ୍ୟ ଡାକପାଳଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ବିଏସ୍ଏନ୍ଏଲ ପରିବର୍ତେ ଏୟାରଟେଲ୍ ସହିତ କଥାବାର୍ତା ହୋଇଛି ଏବଂ ଖୁବ୍‌ଶୀଘ୍ର ସବ୍ ପୋଷ୍ଟ ଅଫିସ୍‌ର ଅସୁବିଧା ଦୂରହେବ ବୋଲି ପୋଷ୍ଟମାଷ୍ଟର ପ୍ରକାଶ କରିଛନ୍ତି । ଏଣେ ଗ୍ରାମପଂଚାୟତ ସ୍ତରରେ ଥିବା ପୋଷ୍ଟ ଅଫିସ୍ ଗୁଡିକ ଉପରେ ଗ୍ରାହକଙ୍କ ଅସନ୍ତୋଷ ବଢୁଥିବା ଖବର ମିଳିଛି । ଏବେ ଧାନ ଅମଳ ସମୟ ହୋଇଥିବାରୁ ଲୋକମାନେ ଡାକଘରେ ରଖିଥିବା ଅର୍ଥକୁ ଚାଷ ଅମଳ ପାଇଁ ଖର୍ଚ୍ଚ କରିଥାନ୍ତେ । ମାତ୍ର ତାହା ମଧ୍ୟ ମିଳୁନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି । ଏଣୁ ମୁଖ୍ୟ ଡାକପାଳ ତୁରନ୍ତ ଜନସାଧାରଣଙ୍କ ଅସୁବିଧାକୁ ଦୂର କରିବାକୁ ପଦକ୍ଷେପ ନେବାକୁ ଦାବି ହେଉଛି ।

## ପାଣି ପାଇଁ ଡହଳବିକଳ ସରଦାପଙ୍କ ଗ୍ରାମବାସୀ

କେନ୍ଦୁଝର (ପିଏନ୍): ଝୁମ୍ପୁରା ବ୍ଲକ ନୟାଗଡ ପଂଚାୟତ ସରଦାପଙ୍କ ଆଦିବାସୀବହୁଳ ଗ୍ରାମ । ନୟାଗଡ ଠାରୁ ୫ କିଲୋମିଟର ଘଂଚ ଜଙ୍ଗଲ ଭିତରେ ଏହି ଗ୍ରାମ ଅବସ୍ଥିତ । ଏଠାରେ ନାନା ସମସ୍ୟା ଥିଲା ବେଳେ ପାଣି ସମସ୍ୟା ଲୋକଙ୍କୁ ନାକେଦମ୍ କରି ଦେଇଛି । ବିଗତ ୨୦୧୬-୧୭ ମସିହାରେ ନଳକୂପ ଖନନ ସହ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ଅଟକଳ ମୂଲ୍ୟ ୧୦.୨୩ଲକ୍ଷ ବିନିଯୋଗରେ ଗ୍ରାମକୁ ପାଣି ଯୋଗାଇ ଦିଆଯାଇଥିଲା । ହେଲେ ଦୁଃଖର କଥା ୬/୭ ମାସ ହେବ ତାହା ଅଚଳ ହୋଇ ପଡିଛି । ୱାର୍ଡମେମ୍ବର ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ଯେତେ ଗୁହାରି କଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଗ୍ରାମରେ ୩ଟି ନଳକୂପ ଥିଲାବେଳେ ସେଗୁଡିକ ମଧ୍ୟରୁ ଗୋଟିଏ ଖରାପ ହୋଇପଡିଥିବା ବେଳେ ଆଉ ଗୋଟିଏରୁ ନାଲିପାଣି ବାହାରୁଛି ଓ ଅନ୍ୟଟି ୩ଜଣ ହୋଇ ହଲାଇଲେ ୧ଘଂଚାରେ ଏକ ମାଠିଆ ପାଣି ବାହାରୁଛି । କୌଣସି ଉପାୟ ନ ପାଇ ସରଦାପଙ୍କବାସୀ ନାଳରୁ ଚୁଆ ଖୋଳି ବାଧହୋଇ ପାଣି ବ୍ୟବହାର କରୁଛନ୍ତି । ଯଦ୍ୱାରା ଅନେକ ସମୟରେ ଝାଡା, ବାନ୍ତି, ମାରାତ୍ମକ ମ୍ୟାଲେରିଆ ଭଳି ରୋଗର ଶିକାର ହେବା ସେମାନେ କହିଛନ୍ତି । ଯଥାଶୀଘ୍ର ନଳକୂପର ମରାମତି କରିବା ସହିତ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ରାଜନଗର ଲ୍ୟାମ୍ପ୍ ଦୁର୍ନୀତି ପ୍ରସଙ୍ଗରେ ପ୍ରଶାସନ ନିରବ, କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

କେନ୍ଦୁଝର (ପିଏନ୍): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଲ୍ୟାମ୍ପର ଋଣ ଜାଲିଆତି ଦୁର୍ନୀତି ହୋଇଥିବାକୁ ନେଇ ଲ୍ୟାମ୍ପ ସଭାପତି ଶ୍ରୀ ଦୁଃଖବନ୍ଧୁ ଦେହୁରୀ ରାଜ୍ୟ ତଥା ଜିଲ୍ଲା ପ୍ରଶାସନକୁ କେସିସି ବ୍ୟାଙ୍କକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି । ଏହି ବାବଦରେ ପରିଚାଳନା ପରିଷଦ ବୈଠକରେ ଆଲୋଚନା ସମୟରେ ବର୍ତ୍ତମାନର ଆଇସିଏମଡି ଏବଂ ଅନ୍ୟାନ୍ୟ କର୍ମଚାରୀମାନ ମାରପିଟ, ପେଟ୍ରୋଲ ଢାଳି ନିଆଁ ଲଗାଇବା ଭଳି ଧମକ ଦେଇଥିଲେ । ଏହାର ଉଚିତ୍ ପଦକ୍ଷେପ ଗ୍ରହଣ କରି ଦୋଷୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଭାପତି ଦାବି କରିଛନ୍ତି । ଉକ୍ତ ଘଟଣାକୁ ନେଇ ୫ଶହ ଚାଷୀ ଋଣ ପାଇବାରୁ ବଂଚିତ ହୋଇଛନ୍ତି । ସେମାନେ ଋଣ ନେଇଥିବା ଟଙ୍କା ଛାଡ ହୋଇଥିଲେ ମଧ୍ୟ ଅଧିକ ଟଙ୍କା ପୂର୍ବେ ଲ୍ୟାମ୍ପରେ ଥିବା କର୍ତ୍ତୃପକ୍ଷ ହେରଫେର କରିଛନ୍ତି । ଶ୍ରୀ ଦେହୁରୀ ଜାଲିଆତି ଘଟଣାର ତଦନ୍ତ କରି ଏହାର ସଠିକ୍ ପ୍ରମାଣ କରା ନ ଗଲେ ଚାଷୀମାନେ ଋଣ ପାରିପାରିବେ ନାହିଁ ବୋଲି କହିଛନ୍ତି । ଉକ୍ତ ଘଟଣାକୁ ନେଇ ତୁରୁମୁଙ୍ଗା ଥାନାରେ ତା୦୬.୧୦.୧୯ରିଖ ଦିନ ଏତଲା ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ତେବେ ପ୍ରଶାସନ ତୁରନ୍ତ ଆଇସିଏଡି ବ୍ୟାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିବା ସଙ୍ଗେ ସଙ୍ଗେ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଖଣ୍ଡଗିରି ମେଳାକୁ ରାଜ୍ୟ ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ଦାବି

ଭୁବନେଶ୍ୱର (ପିଏନ୍): ଖଣ୍ଡଗିରି କୁମ୍ଭ ମେଳା କେଉଁ କାଳରୁ ହୋଇଆସୁଛି। ଆମ ଜେଜେବାପାଙ୍କଠାରୁ ଆରମ୍ଭ କରି ଆମ୍ଭ ନାତି ନାତୁଣୀ ପର୍ଯ୍ୟନ୍ତ ଛଅପିଢି ହେବ ଏହି ମେଳା ଆମେ ଦେଖି ଆସୁଛୁ। କାରଣ ଏହା ଆମ ଗାଁ, ଆମ ଅଞ୍ଚଳର ତଥା ରାଜ୍ୟ ବାହାରର ମୁଖ୍ୟ ଧାର୍ମିକ ମେଳା। ଅନେକ ବାବାଜୀ, ସାଧୁ ଏଠାରେ ଥିବା ଗୁମ୍ଫାମାନଙ୍କରେ ଏହି ମେଳାକୁ ଆସି ଅବସ୍ଥାନ କରିଥାନ୍ତି। କିନ୍ତୁ ଖୋଦ୍ ରାଜଧାନୀରେ ଏତେବଡ଼ ଲୋକାରଣ୍ୟ ଧାର୍ମିକ ମେଳା ହେଲେ ମଧ୍ୟ ରାଜ୍ୟ ସରକାର ଏହାକୁ ସୁରୁରୁ ରୂପେ ସମ୍ପୂର୍ଣ୍ଣ କରିବା ଏବଂ ଏହାର ଐତିହ୍ୟକୁ ସର୍ବବ୍ୟାପୀ କରିବାରେ ଉଦାସୀନତା ପରିଲକ୍ଷିତ ହୁଏ। ରାଜ୍ୟ ସଂସ୍କୃତି ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ଆଞ୍ଚଳିକ ଜନସାଧାରଣ ଦାବି କରିଛନ୍ତି।

## ଖଣ୍ଡଗିରି ମେଳାକୁ 'ସ୍ୱତନ୍ତ୍ର ଧାର୍ମିକ' ଐତିହ୍ୟର ମାନ୍ୟତା ମିଳୁ



ଭୁବନେଶ୍ୱର (ପିଏନ୍): ବହୁ ପ୍ରାଚୀନ ଐତିହାସିକ ମେଳା ଖଣ୍ଡଗିରି କୁମ୍ଭମେଳା। କେଉଁ ଆବାହନ କାଳରୁ ବଣଜଙ୍ଗଲ ଘେରା ପରିବେଶରେ ଏହି ମେଳା ଅନୁଷ୍ଠିତ ହୋଇ ଆସୁଥିଲା। ଏଠାକୁ ଭାରତବର୍ଷର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମ୍ପ୍ରଦାୟର ସାଧୁ ସନ୍ଥମାନେ ଆସନ୍ତି। ଏହା ଏକ ତପୋଭୂମି। ଏହା ଜୈନ, ବୌଦ୍ଧ ଓ ଶୈବ ଧର୍ମର ମିଳନସ୍ଥଳୀ ଅଟେ। ସର୍ବୋପରି ମହିମାଧର୍ମର ସ୍ରଷ୍ଟା ମହିମା ସାଧ୍ୱୀ ଏଠାରେ ୧୮୧୪ରୁ ୧୮୨୫ ଦ୍ୱାଦଶ ବର୍ଷ ଜଳପାନ କରି ଆତ୍ମ ଯୋଗସାଧନାରେ ଲିପ୍ତ ଥିଲେ। ରାଜଧାନୀର ପରିସୀମା ପରିବ୍ୟାପ୍ତ ହେବାପରେ ଏହା ଏବେ ରାଜଧାନୀର ମଧ୍ୟଭାଗରେ ଅବସ୍ଥିତ। ରାଜ୍ୟ ସରକାର ଏବଂ ରାଜ୍ୟ ସଂସ୍କୃତି ବିଭାଗ, ସର୍ବୋପରି ୫-ଟି ସଚିବ ଏହାକୁ ଗୁରୁତ୍ୱ ଦେଇ ଉନ୍ନତି କଲେ ଦେଶ ତଥା ବିଦେଶରେ ଏହାର ଐତିହ୍ୟ ଗାରିମା ବୃଦ୍ଧି ପାଇବା ସହିତ ଖଣ୍ଡଗିରି ମେଳା 'ସ୍ୱତନ୍ତ୍ର ଧାର୍ମିକ' ସ୍ଥାନର ମାନ୍ୟତା ପାଇପାରିବ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com







ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ନୀଳଗିରିରେ ହାତୀ ଆତଙ୍କ

ବାଲେଶ୍ୱର,(ପିଏନ) :ନୀଳଗିରି ଅଞ୍ଚଳରେ ହାତୀ ଆତଙ୍କ ଭୟରେ ଲୋକ ରାତି ଅନିଦ୍ରା ବିଳମ୍ବିତ ରାତିରେ ହାତୀମାନେ ଜନବସତି ଆଡ଼କୁ ମାଡ଼ିଆସି ଗଛିତ ଧାନ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି । ଏହାଛଡ଼ା ଲୋକଙ୍କ ବାଡ଼ିରେ ଥିବା ରବିଫସଲକ ଖାଇଯିବା ସହ କ୍ଷେତକୁ ମଧ୍ୟ ନଷ୍ଟ କରିଦେଉଛନ୍ତି । ନୀଳଗିରି ଅଞ୍ଚଳ କୁଲଡ଼ିହା ଅଭୟାରଣ୍ୟ ରେଞ୍ଜ ଅଧିନସ୍ଥ ଜୋକଲଣ୍ଡା ଗ୍ରାମର ଅର୍ଜୁନ ଭୋଳଙ୍କ ଘରେ ବୁଧବାର ରାତିରେ ହାତୀ ପଶି ଖଳାରେ ଥିବା ଧାନବସ୍ତାକୁ ଖାଇବା ସହ ବ୍ୟାପକ ନଷ୍ଟକରିଥିବା ଅଭିଯୋଗ ହୋଇଛି । ହାତୀ ଆକ୍ରମଣରୁ ପରିବାରଲୋକେ ଅଳ୍ପକେ ବ ଯାଇଛନ୍ତି । ନୀଳଗିରି ଅଞ୍ଚଳର ଛୋଟକାନପୁର, ଶାଳବନ୍ଧ, ବେତଶୂଳଯଉଁରୀ, ଅଯୋଧ୍ୟା ଆଦି ଗ୍ରାମରେ ହାତୀ ପଶୁଥିବାରୁ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି । କ୍ଷତିଗ୍ରସ୍ତ ପରିବାରକୁ ବନବିଭାଗ ପକ୍ଷରୁ ତଦନ୍ତ କରି ସହାୟତା ପ୍ରଦାନ ଓ ହାତୀ ଘୋଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ମାଟ୍ରିକ ପରୀକ୍ଷା :ଧର୍ମଶାଳାର ୬ଟି କେନ୍ଦ୍ରରେ ଲାଗିବ ସିସି କ୍ୟାମେରା

ଧର୍ମଶାଳା,(ପିଏନ)-ଚଳିତ ମାସ ୧୯ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା କୁ ଅଧିକ ସ୍ୱଚ୍ଛ କରିବା ନିଷ୍ପତିରେ ଶୀକ୍ଷା ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସି କ୍ୟାମେରା ଲଗାଯିବ। ଧର୍ମଶାଳା ବ୍ଲକର ମୋଟ ୧୮ ଗୋଟି କେନ୍ଦ୍ର ମଧ୍ୟରୁ ୬ଟି କେନ୍ଦ୍ରରେ ଅସ୍ଥାୟୀ ଭାବରେ ପରୀକ୍ଷା ଶେଷ ପର୍ଯ୍ୟନ୍ତ ସିସି କ୍ୟାମେରା ଲଗାଯିବା ପାଇଁ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି ? ଏ ନେଇ କେଉଁ କେନ୍ଦ୍ରରେ ସିସି କ୍ୟାମେରା ଲଗାଯିବ ସେ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସି ଙ୍କୁ ଗତ ମାସକ ପୁର୍ବରୁ ପତ୍ର ଜରିଆରେ ଜଣାଇ ଦିଆ ଯାଇଛି। ସମ୍ପୃକ୍ତ କେନ୍ଦ୍ର ଗୁଡିକର ସୁପରିଣ୍ଟେଣ୍ଡେଣ୍ଟ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନେ କ୍ୟାମେରା ସଂଯୋଗକାରୀ ଭେଣ୍ଡର ସଂସ୍ଥା କୁ ସହଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଧର୍ମଶାଳା ବ୍ଲକର ମିର୍ଜାପୁରର ଶ୍ୟାମସୁନ୍ଦର ନୋଡାଲ ହାଇସ୍କୁଲ, ଜେନାପୁର ହାଇସ୍କୁଲ, ନରସିଂହପୁରର ପ-ାୟତ ନୋଡାଲ ହାଇସ୍କୁଲ୍ ଓ କବାଟବନ୍ଧ ନୋଡାଲ କାଏମାର ଲାଲବାହାଦୁର ହାଇସ୍କୁଲ, ମୁରାରୀପୁରର ଗୋପାଳଜୀୟୁ ହାଇସ୍କୁଲ ଆଦି ୬ଟି କେନ୍ଦ୍ର ଗୁଡିକରେ ସିସି ଟିଭି ଲାଗିବା ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପ୍ରର୍ଯାୟର ସିସି କ୍ୟାମେରା ଲଗାଇବା ସଂସ୍ଥା ଏହି ସବୁ ସ୍କୁଲ ପରିଦର୍ଶନ କରି ଆଜି ଫେରି ଯାଇଛନ୍ତି। ପ୍ରକାସ ଥାଉକ ଗତବର୍ଷ ପରୀକ୍ଷା କେନ୍ଦ୍ରର ପରୀକ୍ଷା ପରିଚାଳନା କେନ୍ଦ୍ର ଉପରେ ଜନ ସାଧାରଣଙ୍କ ହସ୍ତପେକ୍ଷ ସହ ବହୁ ସମସ୍ୟା ଜନ ସାଧାରଣଙ୍କ ହସ୍ତପେକ୍ଷ ଯୋଗୁଁ ଚଳତ ବର୍ଷ କ୍ୟାମେରା ଗୁଡିକ ଟେଣ୍ଡର ନେଇଥିବା ସଂସ୍ଥା ୧୫ ତାରିଖ ସୁଧା ୬ଗୋଟି ବିଦ୍ୟାଳୟ ମାନଙ୍କରେ ସିସି କ୍ୟାମେରା ଲଗାଇବା କାମ ଶେଷ କରିବେ ବୋଲି ଜଣା ପଡିଛି। ଏହା ଛଡା ଆହୁରି ଅନେକ କେନ୍ଦ୍ର ରହିଛି ଯେଉଁଠି ପୂର୍ବ ବର୍ଷ ସଠିକ ଭାବରେ ପରୀକ୍ଷା ପରିଚାଳନା ହୋଇନଥିଲା, ବ୍ୟାପକ ଅନିୟମୀତତା ଦେଖାଯାଇଥିଲା। ସେହି କେନ୍ଦ୍ର ଗୁଡିକରେ ସିସି କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ବୁଦ୍ଧିଯୀବି ମହଲରେ ଦାବି ହୋଇଛି।



ପୁରୀ ବେଳାଭୂମିରେ କରୋନା ଭାଇରସ ସଚେତନତା ବା । ସଂପର୍କିତ ମାନସ ସାହୁଙ୍କ ବାଲୁକା କଳା

## ସାରଦା ନାଟ୍ୟପରିଷଦର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ, ୧୩/୦୨ (ପିଏନ): ଚଣ୍ଡିଖୋଲ ସନ୍ନିକଟ ସିଦ୍ଧିପୁର ଗ୍ରାମର ଶାରଦା ନାଟ୍ୟ ପରିଷଦ ତାର ବାର୍ଷିକ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ନାଟ୍ୟ ପରିଷଦ ତରଫରୁ "ଗୁପ୍ତ ସଂପର୍କ" ଓ "ଭୁଲି ପାରିବୁ ତୁ ନା ଭୁଲି ପାରିବି ମୁଁ"ନାଟକ ମଞ୍ଚସ୍ଥ ହୋଇଥିଲା। ଶିଶୁ ସାହିତ୍ୟିକ ଡଃ ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, କ୍ଷେତ୍ରପାଳ ସରପଞ୍ଚ ଶାନ୍ତିଲତା ସାହୁ, ନେଉଳପୁର ସରପଞ୍ଚ ଦିବାକର ବେହେରା, କଉିଗଡ଼ିଆର ପ୍ରାକ୍ତନ ସରପଞ୍ଚ ଉ ମ କୁମାର ଦାସ, ସମାଜ ସେବୀ ଯତୀନ୍ଦ୍ର ପ୍ରଧାନ, ସଚ୍ଚିକାନ୍ତ ରାଉତ, ଅଧ୍ୟାପକ ବିଜୟ କେତନ ସାମଲ ପ୍ରମୁଖ ଯୋଗ ଦେଇ ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ତଥା ଆଧୁନିକତାର ଚାକଚକ୍ୟରେ ହଜି ଯାଉଥିବା ଓଡ଼ିଆ ପାରମ୍ପରିକ କଳା, ସଂସ୍କୃତି ଓ ନାଟ୍ୟକଳାକୁ ଉଦଜୀବିତ କରିବାରେ ଷାରଦା ନାଟ୍ୟ ପରିଷଦର ଭୁମିକାକୁ ପ୍ରଶଂସା କରିଥିଲେ।



ନାଟ୍ୟକାର ଯତୀନ୍ଦ୍ର ମହାପାତ୍ର, ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ କଳା ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ହେମନ୍ତ କୁମା ସ୍ୱାଇଁ ମହେନ୍ଦ୍ର କୁମାର ପରିଡ଼ା, ଜଗବନ୍ଧୁ ସାହୁ, ଅମର ନାଥ ବେହେରା, ପରିବେଶ ବିତ ଶ୍ରୀନିବାସ ଜେନା, ଅଧ୍ୟାପକ ବିଧୁଭୁଷଣ ପଣ୍ଡା, ଶୁଭେନ୍ଦୁ ରାଉତ, ବିଦ୍ୟାଧର ସାହୁ, ତ୍ରିଲୋଚନ ବେହେରା ପ୍ରମୁଖଙ୍କୁ ନାଟ୍ୟ ଗୌରବ ଓ ଯଶସ୍ୱୀ ସମ୍ମାନରେ ସମ୍ମାନୀତ କରିଥିଲେ। ନାଟ୍ୟକାର ଯତୀନ୍ଦ୍ର ମହାପାତ୍ରଙ୍କ ନାଟକ "ଭୁଲି ପାରିବୁ ତୁ ନା ଭୁଲି ପାରିବି ମୁଁ" ଜାତୀୟତା ବାଦ ଓ ସାମାଜିକ ବା ର୍କୁ ବହନ କରୁଥିବାରୁ ଦର୍ଶକ ମାନଙ୍କ ମଧ୍ୟରେ ବେଶ ଆପୃତ ହୋଇଥିଲା। ଅଭିମନ୍ୟୁ, ଚନ୍ଦ୍ରଶେଖର, ଅମର, ପାପୁନ, ରଂଜନ, ପ୍ରଭୁରଂଜନ, ଲିନୁଆ, ଭବାନୀ, ଅମୀୟ, ବିଭୁ, ଅଜୁ, ଦୁର୍ଯ୍ୟୋଧନ, କୁନି ଅପା, ରୁବି, ଶୁଭଦ୍ରା, ଚଗୁ, ମହେଶ୍ୱର, କାଳିଆ, ସଂଞ୍ଜୁ, ହାବା, ଶୁଭେନ୍ଦୁ ଓ ସୁବ୍ରତ ପ୍ରମୁଖ କଳାକାରଙ୍କ ନାଟ୍ୟାଭିନୟ ବେଶ ଉଚ୍ଚ କୋଟିର ହୋଇଥିଲା। ହେମନ୍ତ ଦାସ, ବିକାଶ ରଂଜନ ମହାପାତ୍ର ଓ ଦୀପକ ବେହେରା ମଞ୍ଚ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ଡ଼ିୟୁ ଫ୍ରେଣ୍ଡସ୍ କ୍ରିକେଟ୍ କପ୍

## ରାମେଶ୍ୱରକୁ ହରାଇ ଜୁଭେନାଇଲ ଫାଇନାଲରେ

ଚଣ୍ଡିଖୋଲ, ୧୩/୦୨ (ପିଏନ): ଚଣ୍ଡିଖୋଲ ଫ୍ରେଣ୍ଡସ୍ ସ୍ପୋର୍ଟ କଲଚୁରାଲ ଆସୋସିଏସନ ଆନୁକୁଲ୍ୟରେ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଚାଲୁଥିବା ୯ମ ବାର୍ଷିକ ରାଜ୍ୟ ସ୍ତରୀୟ ଡ଼ି.ୟୁ. ଫ୍ରେଣ୍ଡସ୍ କ୍ରିକେଟ୍ କପ୍‌ର ଦ୍ୱିତୀୟ ସେମି ଫାଇନାଲ ଖେଳରେ କଟକର ଜୁଭେନାଇଲ ସ୍ପୋର୍ଟିଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ୩ ଓ୍ୱିକେଟରେ ହରାଇ ଫାଇନାଲରେ ପ୍ରବେସ କରିଛି। ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୭ ଓ୍ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମ୍ମିତ ବରାଳ ୬୬ ରନ, ପରେଶ ପଟେଲ ଓ ସ୍ୱୟଂ ସାୟୀ ମହାନ୍ତି ଯଥାକ୍ରମେ ୬୫ ଓ ୩୯ ରନ କରି ଅପରାଜିତ ଥିଲେ। ଜୁଭେନାଇଲର ବୋଲର ସତ୍ୟପ୍ରକାଶ ତ୍ରୀପାଠୀ ୨ଓ୍ୱିକେଟ ନେଇଥିଲେ। ୨୪୮ ରନର୍ ବିଜୟ ଲକ୍ଷକୁ ପିଛା କରି ଜୁଭେନାଇଲ ସ୍ପୋର୍ଟିଂ ଶେଷ ଓଭରର ଶେଷ ବଲରେ ୭ଓ୍ୱିକେଟ ହରାଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ




ପକ୍ଷରୁ ତାପସ ରାଉତ ୭୪ ରନ, ସାହିଲ ରାଜା ଅପରାଜିତ ୫୦ରନ ସଂଗ୍ରହ କରିଥିଲେ। ଆଜିର ଖେଳକୁ ବିନୟ ପୃଷ୍ଟି, ଅମରେଶ ପରିଡ଼ା ପରିଚାଳନା କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଫ୍ରେଣ୍ଡସ ସ୍ପୋର୍ଟସ ଆଣ୍ଡ କଲଚୁରାଲ ଆସୋସିଏସନର ସଭାପତି ଶ୍ରୀପତି ଜେନା, ଯୁବ ନେତା ନଳିନୀ ପୃଷ୍ଟି ଯୋଗ ଦେଇ ତାପସ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ଅଶ୍ୱଜିତ ରାଉତ, ଆଶିଷ ସାହୁ, ଦେବେନ୍ଦ୍ର ଜେନା, ପ୍ରମୋଦ ସେନାପତି, ମାନସ ରଂଜନ ମିଶ୍ର, ମୁସ୍ତାକ ଅଲ୍ଲୀ, ଗୋଲାମ ସାଜିର ଅନନ୍ତ ସାହୁ, ଛବିନ୍ଦ୍ର ବାରିକ, ବିଶ୍ୱଜିତ ରାଉତ, ଦେବେନ୍ଦ୍ର ବଳ ପ୍ରମୁଖ ସହଯୋଗ କରିଲେ। ଆସନ୍ତା କାଲି ଫାଇନାଲ ଖେଳରେ ସୋଲାର କ୍ରିକେଟ କ୍ଲବ କଟକ ଓ ଜୁଭେନାଇଲ କ୍ରିକେଟ ଏକାଡେମି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## ଯୌତୁକ ନିର୍ଯାତନା ଅଭିଯୋଗରେ ଯବାନ୍ ଗିରଫ

ଧର୍ମଶାଳା,(ପିଏନ): ପତ୍ନୀଙ୍କୁ ଯୌତୁକ ନିର୍ଯ୍ୟାତନା ଦେବା ଅଭିଯୋଗରେ ଆଜି ଜଣେ ଯବାନ୍‌ଙ୍କୁ ଜେଲ୍ ଯିବାକୁ ପଡିଛି । ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମର ଗୟାଧରଙ୍କ ସାମଲଙ୍କ ଝିଅ କଳ୍ପନା ୭ ବର୍ଷ ପୂର୍ବେ ବଡଚଣା ଥାନା ଜଗନ୍ନାଥପୁର ଗ୍ରାମର ସ୍ୱାଧୀନ କେତନ ସାମଲଙ୍କ ପୁଅ ଉମାଶଙ୍କରଙ୍କୁ ବିବାହ କରିଥିଲେ । ତାଙ୍କର ଗୋଟିଏ ଝିଅ ଥିବାବେଳେ ଏବେ ସେ ଗର୍ଭବତୀ ଅଛନ୍ତି । ଉମାଶଙ୍କର କଳିଙ୍ଗ ନଗର ଥାର୍ଡ୍ ବାଟାଲିଅନ୍‌ରେ ଯବାନ୍ ଭାବେ କାର୍ଯ୍ୟରତ ଅଛନ୍ତି । ତେବେ ଇତି ମଧ୍ୟରେ ସେ ଜଣେ ବିବାହିତ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିବାବେଳେ ଉକ୍ତ ମହିଳାଙ୍କ ସ୍ୱାମୀ ମଧ୍ୟ ଉମାଶଙ୍କରଙ୍କ ନାମରେ ମାମଲା ରୁଜୁ କରିଛନ୍ତି । ଏହାକୁ ପତ୍ନୀ ବିରୋଧ କରିବାରୁ ସେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ । ଏଥିରେ ଅତିଷ୍ଠ ହୋଇ ସେ ଆସି ନିଜ ବାପାଙ୍କ ଘରେ ରହୁଥିଲେ । ଏପରିକି ଲକ୍ଷେ ଟଙ୍କା ଯୌତୁକ ଦେବା ପାଇଁ ସେ ଦାବି କରୁଥିବା କଳ୍ପନା ଅଭିଯୋଗରେ ଦର୍ଶାଇଛନ୍ତି । ଏ ସଂପର୍କରେ କଳ୍ପନା ଧର୍ମଶାଳା ଥାନାରେ ଏତଲା ଦେବାପରେ ପୁଲିସ୍ କେଶ୍ ୫୯/୨୦୨୦ ରୁଜୁକରି ଅଭିଯୁକ୍ତ ଉମାଶଙ୍କରଙ୍କୁ ଗିରଫ କରି ଆଜି କୋର୍ଟ୍ ଚାଲାଣ କରିଛି ।

## ଆମ୍ବେଦକର କ୍ରିକେଟ୍, ବେଦିପୁର ଫାଇନାଲରେ

ଧର୍ମଶାଳା, ୧୨/୨(ପି.ଏନ୍) :ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମ ମଜାର୍ ପଡିଆରେ ଚାଲିଥିବା ଡ. ଆମ୍ବେଦକର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଆଜି ଆୟୋଜକ ଡ. ଆମ୍ବେଦକର କ୍ରିକେଟ କ୍ଲବକୁ ୯ ରନ୍‌ରେ ପରାସ୍ତ କରି ବେଦିପୁର କ୍ରିକେଟ୍ କ୍ଲବ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବେଦିପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜାହିର୍ ଖାଁ ୫୨ ଓ ସୁରେଶ ସ୍ୱାଇଁ ୩୧ ରନ୍ କରିଥିଲେ । ବିପକ୍ଷ ଦଳର ସେକ୍ ଓ୍ୱାଜିଦ୍ ୪ ଓ ବବ୍‌ଲୁ ରାଉତରାୟ ୨ଟି ଉଇକେଟ୍ ନେଇଥିଲେ । ଜବାବ୍‌ରେ ଆମ୍ବେଦକର କ୍ଲବ ବ୍ୟାଟିଂ କରି ୧୫ ଓଭରରେ ୭ ହରାଇ ୧୩୩ ରନ୍ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ସୋମ୍ୟରଂଜନ ବେହେରା ୪୧ ଓ ବିନୋଦ ବେହେରା ୨୭ ରନ୍ କରିଥିଲେ । ଖେଳକୁ ସନ୍ତୋଷ ମଲିକ ଓ ଖଗେଶ୍ୱର ବେହେରା ପରିଚାଳନା କରିଥିଲେ ।

### ଧନ୍ୟରେ ରାଜ୍ୟର ସ୍ୱାସ୍ଥ୍ୟନୀତି

## ଗଛମୂଳେ ଛୁଆଦେଲେ ଗର୍ଭବତୀ

କେନ୍ଦୁଝର(ପିଏନ) : ବଣପାହାଡ ଘେରା କେନ୍ଦୁଝରର ବାଂଶପାଳ ବ୍ଲକରେ ନିଯୁକ୍ତ ଥିବା ଡାକ୍ତରଙ୍କର ଚିକିତ୍ସା କ୍ଷେତ୍ରର ଅନୁଭୁତିକୁ ନେଇ ଜନସାଧାରଣରେ ବ ମାନ ଏକ ମଜାଳିଆ ଚର୍ଚ୍ଚା ଜୋର ଧରିଛି । ଘଟଣାଟି ଏମିତି ବାଂଶପାଳ ବ୍ଲକର କାଦଡିହା ଗ୍ରାମର ପୂର୍ଣ୍ଣ ମୁଣ୍ଡାଙ୍କ ସ୍ତ୍ରୀ ରଜନୀ ମୁଣ୍ଡାଙ୍କର ପ୍ରସବ ଯନ୍ତ୍ରଣା ଦେଖା ଦେଇଥିବାରୁ ଗ୍ରାମର ଜଣେ ମହିଳା ତାଙ୍କୁ ବାଂଶପାଳ ମେଡାକାଲକୁ ନେଇ ଯାଇଥିଲେ । ମାତ୍ର ପ୍ରସବର ସମୟ ହୋଇ ନାହିଁ ବୋଲି ଦର୍ଶାଇ ସଂପୃକ୍ତ ବିଭାଗୀୟ କର୍ମଚାରୀ ମା'ଗୃହରେ ତାଙ୍କୁ ଆଡମିଟ୍ କରାଇନଥିଲେ । ଯାହାଫଳରେ କି ପୂର୍ବପରି ଗର୍ଭ କଷ୍ଟ ସହି ସହି ବସ୍ ଯୋଗେ ନିଜ ଘରକୁ ଫେରି ଆସିଥିଲେ ରଜନୀ ମୁଣ୍ଡା । ବସ୍‌ର୍ ଓହ୍ଲାଇ କୁଶକଳାରୁ ପାଦଚଲା ବାଟରେ ଘରକୁ ଯାଉଥିବା ସମୟରେ ପୁନର୍ବାର ଗର୍ଭ କଷ୍ଟ ଦେଖା ଦେବାରୁ ରଜନୀ ବାଧ ହୋଇ ନିକଟସ୍ଥ ଏକ ଖୋଲା



ପଡିଆରେ ଗଛ ମୂଳରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ପରେ ଗ୍ରାମବାସୀମାନେ ଆମ୍ବୁଲାନ୍ସ ଡକାଇ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଜନୀ ମୁଣ୍ଡାଙ୍କୁ ଭ କରାଇଥିଲେ । ମା' ଓ ଶିଶୁକନ୍ୟା ଏବେ ଭଲ ଥିବା ଜଣାପଡିଛି । ଏଠାରେ ଏକ ପ୍ରଶ୍ନ ଉଠେ କି ଗର୍ଭ ନିରୂପଣ ସମୟରେ ସଂପୃକ୍ତ ଡାକ୍ତର ତଥା ଚିକିତ୍ସାରେ ନିୟୋଜିତ ଥିବା ନର୍ସ କେମିତି ଭାବରେ ଜାଣିପାରିଲେ ନାହିଁ କି ରଜନୀ ମୁଣ୍ଡା ଆସନ୍ନ ପ୍ରସବା ବୋଲି । କାରଣ ଯେତେବେଳେ ଜଣକୁ ଏହି ବିଷୟରେ ଟ୍ରେନିଂ ଦିଆଯାଏ ସେତେବେଳେ ତାକୁ ସମସ୍ତ ପ୍ରକାର କେସ୍ ଗୁଡିକ ସମ୍ପର୍କରେ ଅବଗତ କରାଇ ଦିଆଯାଇଥାଏ । ତେବେ ଏଠାରେ ନିୟୋଜିତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଏ ବିଷୟରେ କିପରି ଭାବେ ଅନଭିଜ୍ଞ ଥିଲେ ?

## ଅବସରପ୍ରାପ୍ତ ଶିକ୍ଷକ କମ୍ରେଡ ନିରୋଧ ଚନ୍ଦ୍ର ଖିଲାରଙ୍କ ବିୟୋଗରେ ଶୋକ

ନେଉଳପୁର, ୧୩/ ୨(ପି.ଏନ.)- ବଡଚଣା ବ୍ଲକ ଅନ୍ତର୍ଗତ ନିଶିମଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କମ୍ରେଡ ନିରୋଧ ଚନ୍ଦ୍ର ଖିଲାରଙ୍କ ୭୨ ବର୍ଷ ବୟସରେ ଗୁରୁବାର ଦିନ ହୃଦଘାତରେ ମୃତ୍ୟୁ ବରଣ ହୋଇଛି। ଦୀର୍ଘଦିନ ଧରି ଶିକ୍ଷକତା କରିବା ପରେ ସମାଜବାଦ ଆନ୍ଦୋଳନରେ ନିଜକୁ ସାମିଲ କରି କମ୍ୟୁନିଷ୍ଟ ଦଳର ଚିନ୍ତାଧାରକୁ ପାଥେୟ କରି ଅନେକ ସମାଜ ସଂସ୍କାରକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଶିକ୍ଷକତାରୁ ଅବସର ପରେ ନିଜ ପରିବାରକୁ ପଛ କରି ସମାଜର ଦୁର୍ବଳ ଓ ଅବହେଳିତ ଲୋକଙ୍କ ଉତଥାନ ପାଇଁ ଯଥା ସମ୍ଭବ ପ୍ରୟାସ କରି ଆସିଥିଲେ। ସ୍ଥାନୀୟ ଅଂଚଳର ଅନେକ ସାମାଜିକ ସଂଗଠନ ଓ ଜନହିତକର କାର୍ଯ୍ୟପାଇଁ ସିଏ ସଦା ସର୍ବଦା ସାଧାରଣ ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାର ହେବା ପରେ ନିଜ ଗ୍ରାମରେ ଶତାଧିକ ଲୋକଙ୍କର ସମାଗମ ଦେଖିବାକୁ ମିଳିଥିଲା। ମରଶରୀରକୁ ଶେଷ ଦର୍ଶନ କରିବା ପାଇଁ କମ୍ରେଡ ଦିବାକର ବିଶ୍ୱାଳ, ଈଶ୍ୱର ଚନ୍ଦ୍ର ପରିଡା,ଯତୀନ୍ଦ୍ର ଜେନା, ଭଗବାନ ପଣ୍ଡା, ଅଜୟ ବିଶ୍ୱାଳ, ଯୁଧିଷ୍ଠିର ସାହୁ, ଧିରେନ୍ଦ୍ର ଜେନା, ବିଜୟ ଜେନା, ଶିବରାମ ସାହୁ, ସେକ ସୋମନାଥ ସ୍ୱାଇଁ, ଅଚ୍ୟୁତନାନନ୍ଦ ସ୍ୱାଇଁ, ମସୀର ଆଲାମ ଓ ପ୍ରିତମ ନାୟକ, କୁଳମଣି ନାୟକ, ଭାସ୍କର ସେଠି, କୃଷ୍ଣଚନ୍ଦ୍ର ସାହୁ, ସୁମନ୍ତ ପୃଷ୍ଟି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଡଚଣା ଶାଖା ପକ୍ଷରୁ ତାଙ୍କ ମର ଶରୀରରେ ଦଳୀୟ ପତକା ଦେଇ ଲାଲ ସଲାମ କରିଥିଲେ। ପରେ ତାଙ୍କ ଶରୀରକୁ ଗ୍ରାମ ପରିକ୍ରମା କରି ଶ୍ମଶାନରେ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପ୍ରରିୟବ୍ରତ ଖିଲାର ମୁଖାଗ୍ନି ଦେଇଥିଲେ। ଶ୍ରୀ ଖିଲାରଙ୍କ ବିୟୋଗରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ଭାଷା ସାହିତ୍ୟ ସଂସ୍କୃତି ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ବିଜେପି ଯୁବନେତା ଅମର ନାୟକ, ଚଣ୍ଡିଖୋଲ ସାମ୍ବାଦିକ ସଂଘ ସଭାପତି ପ୍ରଦୀପ୍ତ ପରିଡା, ମହେଶ୍ୱର ବଳ, ପ୍ରମୋଦ ଜେନା, ଭାରତ ଭୁଷଣ ପଣ୍ଡା, ପ୍ରସନ୍ନ ବିଶ୍ୱାଳ, ମୋହନ ଖିଲାର, ହେମେଶ ଜେନା, ଦିଲିପ ମହାନ୍ତି, କ୍ଷୀରୋଦ ମାହାଲା, ପୂର୍ବତନ ସରପଂଚ ରାଜକୀଶୋର ସ୍ୱାଇଂ,ସରପଂଚ ଚାଚାଲିନ ସ୍ୱାଇଁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଥିଲେ।

## ଚଣ୍ଡିଖୋଲ ଏମଭିଆଇଙ୍କ ଦ୍ୱାରା ଦୁଇ ଓଭରଲୋଡ ଗାଡି ଜବତ ଲକ୍ଷେ ୫ହଜାର ଜୋରିମନା ଅସୁଲ

ନେଉଳପୁର, ୧୩/ ୨(ପି.ଏନ.)- ଚଣ୍ଡିଖୋଲ ଆଂଚଳିକ ପରିବହନ କାର୍ଯ୍ୟାଳୟର ମୋଟରଯାନ ନିରୀକ୍ଷକଙ୍କ ଅଧିକାରୀ ସୁଶ୍ରୀ ଚନ୍ଦ୍ରା ବିଶ୍ୱାସ ମଙ୍ଗଳବାର ଦିନ ଦୁଇଟି ଚିପ୍ସ ବୋଝେଇ ଓଭରଲୋଡ ଗାଡି ନମ୍ବର ଓଡି ୦୪ସି ୨୭୩୩ ଓ ଓଆର୦୯ଏ୨୯୯୨କୁ ଧରିଥିଲେ। ଉଭୟ ଗାଡିକୁ ଆଣି କାର୍ଯ୍ୟାଳୟ ପରିସର ମଧ୍ୟରେ ରଖାଯିବା ପରେ ବୁଧବାର ଦିନ ସଂପୃକ୍ତ ଗାଡିର ମାଲିକ ଗୋଟିଏ ଗାଡିରୁ ୪୯ ହଜାର ଓ ଅନ୍ୟ ଏକ ଗାଡିରୁ ୫୬ ହଜାର ଟଙ୍କା ଦେଇ ଗାଡିକୁ ମୁକୁଳାଇ ଥିବା ସୂଚନା ମିଳିଛି। ଆଂଚଳିକ ପରିବହନ କାର୍ଯ୍ୟାଳୟ ଅଧିନର ଥିବା ରାସ୍ତା ଗୁଡିକରେ ଦୈନିକ ଶହ ଶହ ଓଭରଲୋଡ ଗାଡି ଯାତାୟତ କରୁଅଛନ୍ତି। ମହାବିନାୟକ ଲଘୁ ଖଣିଜ ସଂଘ ଓ ଆଂଚଳିକ ପରିବହନ ବିଭାଗ ମଧ୍ୟରେ ବୁଝାମଣା କରାଯାଇ ଏଭଳି ବେଆଇନ ଗାଡ ଚଳାଚଳ କରୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ବି ସେଥିପ୍ରତି ଅଧିକାରୀଙ୍କ ଦୃଷ୍ଟି ପଡୁ ନାହିଁ। ଇଂଟର ସେକ୍ଟରର ଗାଡି ଧରି ବିଭାଗର ଟ୍ରାଫିକ ଇନସପେକ୍ଟର ରାଜପଥରେ ତନଖି କରି କେବଳ ହାଇସ୍ପିଡି ଗାଡିକୁ ଜୋରିମନା କରୁଥିଲା ବେଳେ ଓଭରଲୋଡ ଗାଡିକୁ ଛାଡିବା ପଛର ଗୁମର ପଦାରେ ପଡିଛି। ସୂଚନା ‌ତାବକ ଦୈନିକ ଏକ ହଜାରରୁ ଉର୍ଦ୍ଧ ବୋଲଡର ଓ ଏକ ହଜାରରୁ ଉର୍ଦ୍ଧ ଓଭରଲୋଡ ଚିପ୍ସ ବୋଝେଇ ଗା ଡି ଯାତାୟତ କରୁଅଛନ୍ତି। ବିଭାଗ ପକ୍ଷରୁ କେଉଁ ନ୍ୟାୟରେ ଏଭଳି କାର୍ଯ୍ୟ କରିବାକୁ ପ୍ରଶୟ ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୀର୍ଘଦିନ ପରେ ଏମ.ଭି.ଆଇ. ସୁଶ୍ରୀ ବିଶ୍ୱାସ ଗାଡି ଦୁଇଟିକୁ ଧରିଲା ପରେ କାର୍ଯ୍ୟାଳୟରେ ଅନ୍ୟ ଅଧିକାରୀ ଓ କର୍ମଚାରିଙ୍କ ମଧ୍ୟରେ ତୁ ତୁ ମେଂ ମେଁ ଲାଗିଥିବା ଶୁଣିବାକୁ ମିଳୁଛି। ଏହିଭଳି ଯଦି ଦୈନିକ ଓଭରଲୋଡ ଗାଡି ତନଖି କରାଯାଇ ଜୋରିମାନ ଅସୁଲ କରାଗଲେ ଏକକୋଟିରୁ ଉର୍ଦ୍ଧ ଟଙ୍କା ରାଜସ୍ୱ ସରକାରଙ୍କ ଖଜନାକୁ ଆସିପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତପୋଷଣ କରୁଛନ୍ତି।

### "ଗଲଗଲି' ଶଙ୍ଖ ଅଷ୍ଟମ ବାର୍ଷିକ ଉତ୍ସବ

## 'ଶ୍ରୀ କ୍ଷେତ୍ର ପ୍ରାଚୀନ ବଡଦାଣ୍ଡର ପୁନରୁଦ୍ଧାର ଦାବି'

ଧର୍ମଶାଳା, ୧୩/ ୨ ପିଏନ): ଧର୍ମଶାଳା ବ୍ଲକ୍ ପଟୁଣିଆ ପଂଚାୟତ ଅନ୍ତର୍ଗତ ପର୍ଯ୍ୟଟନ କ୍ଷେତ୍ର ଗଲଗଲି ଶଙ୍ଖ ଠାରେ ଶ୍ରୀ କ୍ଷେତ୍ର ପ୍ରାଚୀନ ପୁନରୁଦ୍ଧାର କମିଟି ଆନୂକୁଲ୍ୟରେ ବିଶ୍ୱକଲ୍ୟାଣ ବିଶ୍ୱଶାନ୍ତି ବିଷ୍ଣୁ ଯଜ୍ଞ ତଥା ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ସଂନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବକୁ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦି ବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ୱାସ୍ଥ୍ୟ ବିଭାଗର ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ଧିରେନ୍ଦ୍ର ନାୟକ ମୂଖ୍ୟବ୍ୟକ୍ତା, ଅବସର ପ୍ରାପ୍ତ ଅଧକ୍ଷ ଡ. ଚି ରଂଜନ ମହାନ୍ତି, ସମାଜସେବୀ ସନ୍ତୋଷ କୁମାର ଜେନା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ରାଉତ, ଆୟୋଜକ କମିଟି ସଭାପତି ବଟକୃଷ୍ଣ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ପ୍ରଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଆନନ୍ଦ କିଶୋର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ଭି ିଭୁମିର ବିକାଶ ପାଇଁ ଦାବି କରିଥିଲେ। ଏହି ପର୍ଯ୍ୟଟନ କେନ୍ଦ୍ରର ବିକାଶ ତଥା ଶ୍ରୀ କ୍ଷେତ୍ର ପ୍ରାଚୀନ ବଡଦାଣ୍ଡର ପୁନରୁଦ୍ଧାର ପାଇଁ ଖୁବ ଶ୍ରୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମୁଖ୍ୟ ଅତିଥି ରବି ଲାବଣ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଓଏଏସ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଧର୍ମଶାଳା ବ୍ଲକ ନେଉଳପୁର ଗ୍ରାମର ଡ. ରୋଜାଲିନ ବେହେରା ଏବଂ ଉଦୟ ନଗର ମଧୁସ୍ମିତା ସାମଲଙ୍କୁ ଅତିଥି ମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପୀଠକୁ ପର୍ଯ୍ୟଟନ କେନ୍ଦ୍ର କରିବାରେ ବିଶେଷ ଅବଦାନ ପାଇଁ ପୁର୍ବତନ ବିଧାୟକ ରବିଲାବଣ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମ-ାସୀନ ଅତିଥି ଡ. ଧିରେନ୍ଦ୍ର ନାୟକ, ଡ. ଚି ରଂଜନ ମହାନ୍ତି, ସେବୀ ମହାପାତ. ସୁଦର୍ଶନ ଜେନା, ଆଲୋକ ଜେନା ସାମନ୍ତଙ୍କ ସହିତ ଭୁମିଦାନ କରିଥିବା ଚନ୍ଦ୍ରମଣି ଜେନା ତ୍ରିଲୋଚନ ଦାସ, ଗୋବିନ୍ଦ ଗନ୍ଥାୟତ ଙ୍କୁ ସମ୍ବଦ୍ଧିତ କରାଯାଇଥିଲା। ସୌଭାଗ୍ୟ ସାଗର ଜେନା, ମୋନାଲି ପ୍ରିୟଦର୍ଶିନୀ, ଗଣେଶ୍ୱର ଦାସ, ସ୍ତୁତିରଞ୍ଜନ ଜେନା ମାନପତ୍ର ପାଠ କରିଥିଲେ। ଅମୂଲ୍ୟ କୁମାର ଜେନା, ରାମଚନ୍ଦ୍ର ସେଠୀ, ବାବୁଲି ଦଳାଇ, ଲୋକନାଥ ସେଠୀ, ପ୍ରତାପ ଜେନା, ଅନୀଲ ସାମନ୍ତ ରାୟ,ସୁଶାନ୍ତ କୁମାର ନାୟକ,ରବୀନ୍ଦ୍ର ରାଉତ, ପ୍ରମୁଖ କମିଟି ସଭ୍ୟ ଆୟୋଜନାରେ ସହଯୋଗ କରିଥିଲେ। ସମ୍ପାଦକ ନିରଞ୍ଜନ ଗନ୍ଥାୟତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ମନ୍ଦିର ସୁଗୁଡା, ସରସ୍ୱତୀ ଶିଶୁ ମନ୍ଦିର ଧାନମଣ୍ଡଳ. ଏବଂ ବିବେକାନନ୍ଦ ଶିକ୍ଷାନକେତନ ପ ରାଜପୁର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

